Digitized by srujanika@gmail.com

ମଣିଷ ଶରୀରରେ ବିଜ୍ଞାନ

ଲେଖକ :

ଡକ୍ଟର ଜଗନ୍ନାଥ ମହାନ୍ତି

ନବରଙ୍ଗ

Digitized by srujanika@gmail.com

ପ୍ରକାଶକ :

ପ୍ରଭାକର ମିଶ୍ର

ନବରଙ୍ଗ

ଷ୍ଟୋନ ରୋଡ଼,

ଡଗରପଡ଼ା, କଟକ-୨

ପ୍ରଥମ ପ୍ରକାଶ : ୧୯୮୮

ମୁଦ୍ରଣ :

ନବରଙ୍ଗ

ଷ୍ଟୋନ ରୋଡ଼,

ଡଗରପଡ଼ା, କଟକ-୨

ମୂଲ୍ୟ—**କୋଡ଼ିଏ ଟଙ୍କା ମାତ୍ର**

Digitized by srujanika@gmail.com

ପଦେଅଧେ

ଆଜି ବିଜ୍ଞାନର ଯୁଗ । ଯୁଆଡ଼େ ଦେଖିବ, ସିଆଡ଼େ ବିଜ୍ଞାନ—ଜନ୍ମଠାରୁ ମରଣ ଯାଏ, ଖାଇବାଠାରୁ ଶୋଇବା ଯାଏ, ପଢ଼ିବାଠାରୁ ଲଢ଼ିବାଯାଏ ସବୁଥିରେ ବିଜ୍ଞାନ ।

ହେଲେ, ବିଜ୍ଞାନଟା ଆକାଶକୁଆଁ କଥା ନୁହେଁ । ନିତାନ୍ତ ଅଜବ ବା ଅସମ୍ଭବ କଥା ନୁହେଁ । ଏହା ଆମ ଭିତରେ ଆଉ ବାହାରେ କଥା । ଆମ ଦେହ ଆଉ ଦୁନିଆର କଥା । ନଈ ଆଉ ପାହାଡ଼ର କଥା । ବଣ ଆଉ ବଗିଚାର କଥା । ପଶୁପକ୍ଷୀ, ଗଛଲତା ଆଉ ଫୁଲଫଳର କଥା । ମାଟିପଥର, ଧାତୁ ଆଉ କଳକାରଖାନାର କଥା ।

ଆମର ଚାରିପାଖରେ ଯେତେ ଯାହା ଘଟୁଛି, ତାକୁ ସବୁ ମନଦେଇ ଦେଖିବା, ତା'ର କାରଣ ଜାଣିବା, ପ୍ରତିକାର ନେଇବା ବା ବ୍ୟବହାର କରିବା ହେଲା ବିଜ୍ଞାନ । ଚଢ଼େଇ କେମିତି ବସା କରେ ? କେମିତି ସେଥିରେ କାରିଗରୀ ଦେଖାଏ ? ମାଟିପଥର କେମିତି ପୃଥିବୀର ଅତୀତ ଇତିହାସ କହିଦିଏ ? ରେଳଗାଡ଼ି, ଉଡ଼ାଜାହାଜ ଆଦି କିପରି ବାହାରିଲା ?

ବିଜ୍ଞାନ ତା'ର ବିଜୟ ପତାକା ଉଡ଼ାଇ ଚାଲିଛି । ହେଲେ ତାହା ମଣିଷର ସେବା କରିଆସିଛି । ତାକୁ ସୁଖଶାନ୍ତି ସୁବିଧାମାନ ଦେଉଛି । ତା'ର ଜୀବନକୁ ସହଜ, ସରସ ଓ ସୁନ୍ଦର କରୁଛି ।

ଏଇ ବହିଟିର ନାଁ "ମଣିଷ ସେବାରେ ବିଜ୍ଞାନ" । ଆଶା, ଏହାର ବିଷୟ, ଭାଷା ଓ ଶୈଳୀ ସବୁରି ମନକୁ ଘେନିବ । ଏଇ ଜ୍ଞାନ ଓ ଅନୁଭୂତି ସବୁରି ଉପକାର କରିବ ।

ଭୁବନେଶ୍ୱର
୫ । ୧୧ । ୮୮

ଲେଖକ

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ମଣିଷ କିପରି ଆକାଶରେ ଉଡ଼ିଲା	...	୧
୨ । ପେନସିଲିନ୍ କିପରି ବାହାରିଲା	...	୧୧
୩ । ବି. ସି. ଜି. ଟିକା କିପରି ବାହାରିଲା ?	...	୨୦
୪ । ମୁଁ ପିନା ଅସନା, ମୋର କେତେ ଗୁଣ !	...	୨୫
୫ । ଚଉଦ୍ଦିଗରେ ବିଜ୍ଞାନର କୁହୁକ ଖେଳ		୩୦
୬ । ପଥର କହେ ପୃଥିବୀ କଥା	...	୪୧
୭ । ରେଳଗାଡ଼ିର ଜନ୍ମକଥା	...	୪୯
୮ । ରଙ୍ଗବଇଜର କାଉଁଶକାଠି	...	୫୮
୯ । ସମୁଦ୍ରରୁ ଖାଦ୍ୟ	...	୬୬
୧୦ । ବାୟୁର କି ଯାଏ !	...	୭୭
୧୧ । କିଏ କମିତି ବସା ବାନ୍ଧେ ?	...	୮୫
୧୨ । ଚଢ଼େଇ କାରିଗର	...	୯୨
୧୩ । ଚକୋଲେଟର କାହାଣୀ	...	୧୦୦
୧୪ । ପ୍ରାଚୀନ ମହାଦେଶ ଗଣ୍ଡୱାନା	...	୧୨୦

Digitized by srujanika@gmail.com

ମଣିଷ କିପରି ଆକାଶରେ ଉଡ଼ିଲା

ଶୀତ ଦିନ । ପାହାନ୍ତ ପହର । ଜାଡ଼ରେ ଥରିଯାଉଛି ଦେବୁର ଦେହ । କୋଲ ମାରିଯାଉଛି ତା'ର ହାତ ଗୋଡ଼ । ରେଜେଇ ଟାଣି ସେ ନିଜର ସାରାଦେହକୁ ଘୋଡ଼େଇ ଦେଲା । ଅତି ଥଣ୍ଡାରେ ନିଦ ଲାଗୁ ନାହିଁ । କେତେଆଡ଼ୁ କେତେ କଥା ତା' ମନରେ ନାଚି ଯାଉଛି । ପାଠପଢ଼ାଠାରୁ ଖେଳାବୁଲା, ଖିଆପିଆ, ହସ-କାନ୍ଦ ସବୁ କଥା ତା'ର ମନେପଡ଼ିଯାଉଛି ।

ଆସ୍ତେ ଆସ୍ତେ ରାତି ପତଳା ହୋଇଆସିଲା । ଦେବୁର ଆଖିପତା ଭାରି ଭାରି ହୋଇପଡ଼ିଲା । କେତେବେଳେ ତାକୁ ନିଦ ଲାଗିଯାଇଛି, ଜଣା ନାହିଁ ।

ହଠାତ୍ ସେ ବାଲବାଲେଇ ଉଠିଲା । ଖୁବ୍ ପାଟିଟେ କଲା । ସକାଳଟା, ସମସ୍ତେ ଆସି ରୁଣ୍ଡ ହୋଇଗଲେ । ଦେବୁକୁ ଧରି ମାଆ ଝାତିଣ କ'ଣ ପଚାରିଲେ । ସେ କହିଲା- ମୁଁ ଗୋଟିଏ ଉଡ଼ାଜାହାଜରେ ବସି ଉପରକୁ ଉଠିଲି । କେତେ ଦେଶ, ବଣ-ପାହାଡ଼, ନଈ, ନାଳ, ହ୍ରଦ, ସମୁଦ୍ର ଉପରେ ଉଡ଼ିଲି । ହଠାତ୍ ଜାହାଜଟା ତଳକୁ ଓହ୍ଲାଇ ଆସିଲା । ମୋ ମୁଣ୍ଡ ଟିକିଏ ଘୂରିଗଲା । ଛାତି ଭିତରଟା କ'ଣ ହୋଇଗଲା । ମୋ ନିଦ ଚଉଁକିନା ଭାଙ୍ଗିଗଲା ।

Digitized by srujanika@gmail.com

(ମାଆ ପୁଅକୁ ଆଉଁସି ଦେଉଛନ୍ତି)

ମାଆ ତାକୁ ଆଉଁସି ପକାଇ କହିଲେ—ପୁଅ ମୋର କେତେ ଝଡ଼ିଗଲ୍ଣି । କ'ଣ ଏ ସପନ ଦେଖି ଚମକି ପଡ଼ିଲୁ ।

ସେତେବେଳକୁ ଟିଉସନ କରିବାକୁ ମାଷ୍ଟ୍ରେ ଆସିଥିଲେ । ସେ କହିଲେ—ଦେବୁ ତା' ବହିରେ ଗୋଟିଏ ଉଡ଼ାଜାହାଜ କବିତା ପଢ଼ିଛି । ସେଥିରେ ଅଛି

ଉଡ଼ାଜାହାଜ, ଉଡ଼ାଜାହାଜ ତଳକୁ ଖସି ଆ,
କୁନାକୁ ମୋର ବସାଇ କୋଲେ ଆକାଶେ ଉଡ଼ି ଯା,
ଦେଖାଇଦେବୁ ବାବୁକୁ ମୋର ବଣପାହାଡ଼ ନାଳ
ଝରଣା, ନଈ, ସାଗର, ସେତୁ ଦେଶ ମାଳକୁ ମାଳ ।

ସେଇ ଗୀତର କଥାଟା ତା'ର ମନେ ଥିଲା । ଉଡ଼ିବାକୁ ବ ମନ କରିଥିବ । ମନର କଥାକୁ ସେ ସ୍ୱପ୍ନରେ ଦେଖିଛି ।

Digitized by srujanika@gmail.com

ଦେବୁର ବାପା କହିଲେ—"ତେବେ ସେଇଆ ପଢ଼ି ଦେବୁ ଏମିତ ବାଇ ହୋଇଛି ! ତା'ର ଆଶା ଯାହାହେଉ ପୂରଣ ହୋଇଗଲା । ଏମନ ଭାବୁଥାଏ ଯାହା, କାଲେ ପ୍ରାପତ ହୁଏ ତାହା ।"

ମାଷ୍ଟ୍ରେ କହିଲେ—ଏମିତ ତ ଦେବୁ ପରି ଉଡ଼ିବାକୁ ଆଶା କରି କରି ରାଇଟଭାଇ ଦୁଇଜଣ ଉଡ଼ାଜାହାଜ ତିଆରି କରିଥିଲେ । ଆପଣ ଯାହା କହିଲେ, ମନ ଗୁଣେ ଫଳ ।

ଦେବୁ ମୁରୁକି ହସି ପଚାରିଲା– ସାର୍ କମିତ ସେମାନେ ଏହା କରିପାରିଲେ ?

ମାଷ୍ଟ୍ରେ କହିଲେ—ଆଗ ତୁ ଶୀଘ୍ର ତୋ କାମ ସାରି ଆସ । ମୁଁ ତୋତେ ବୁଝାଇ ଦେବ ।

ମାଷ୍ଟ୍ରେ ଖବରକାଗଜକୁ ଦେଖିବା ଭିତରେ ଦେବୁ ତା'ର କାମ ସାରି ପଢ଼ାଘରକୁ ଚାଲିଆସିଲା କେତେ ଶୀଘ୍ର ।

ମାଷ୍ଟ୍ରେ କହିଲେ—ଆଜ ଉଡ଼ାଜାହାଜ କିପରି ପ୍ରଥମେ ବାହାରିଲା ଜାଣିବାକୁ ତୋର ମନ ଭାରି ଉଡ଼ୁଛି, ନାହିଁ ? ହଉ ଏବେ, ମଣିଷ ଆକାଶରେ ଉଡ଼ିବାକୁ ମନକଲା । ସେଥିପାଇଁ କେତେ ଉପାୟ କଲା । ବେଲୁନ୍‌ରେ ଗରମ ପବନ ଭର୍ତ୍ତିକରି ଉଡ଼ାଇଲା । ୧୭୮୩ ମସିହା । ଫ୍ରାନ୍‌ସର ମଣ୍ଟଗଲ ଫିୟର ଭାଇମାନେ ପ୍ରଥମେ ଗୋଟିଏ ବେଲୁନ୍‌ରେ ଉଡ଼ିଲେ । ଆମେରିକାର ଡେଟନ ସହର । ରାଇଟ ପରିବାରରେ ଉଇଲବର ଆଉ ଅରଭିଲ ନାମରେ ଦୁଇଭାଇ । ସେମାନେ ଭାରି ଧୀରସ୍ଥିର ଆଉ ସରଳ ପିଲା । ହେଲେ କାମ ପଡ଼ିଲେ ଭୋକଶୋଷ ଭୁଲିଯାଆନ୍ତି । ଯେଉଁ କାମରେ ହାତ ଦେଲେ ତାକୁ ଶେଷ ନକରି ଛାଡ଼ନ୍ତି ନାହିଁ । ପୁଣି ଦୁଇଭାଇଙ୍କର

Digitized by srujanika@gmail.com

ଏକମନ ଏକପ୍ରାଣ, ଯେମିତି ଗୋଟିଏ ଡାଳରେ ଦୁଇଟି ଫଳ । ନୂଆ ନୂଆ କାମ କରିବାରେ ଦୁହିଁଙ୍କର ଭାରି ଝୁଙ୍କ୍ ।

(ବେଲୁନ୍‌ରେ ଗରମ ପବନ ଭର୍ତ୍ତି ହେଉଛି)

ଉଇଲବରଙ୍କୁ ଯେତେବେଳେ ଏଗାର ବର୍ଷ, ଅରଭିଲଙ୍କୁ ସେତେବେଳେ ସାତବର୍ଷ । ସେମାନଙ୍କର ବାପା ଗୋଟିଏ ଖେଳନା ଆଣି ଦେଇଥିଲେ । ତାହା ଉପରୁ ଛାଡ଼ି ଯାଏ ଆପେ ଆପେ ଉଠିଯାଏ । କିଛି ସମୟ ଏପଟ ସେପଟ ହେଲାପରେ ପୁଣି ତଳକୁ ଖସି ପଡ଼ୁଥିଲା ।

ତାକୁ ଭାଇ ଦୁହେଁ "ବାଦୁଡ଼ି" ବୋଲି କହୁଥିଲେ । ସେମାନେ ବାଦୁଡ଼ିକୁ ଏମିତି ଉଡ଼ାଇବାରେ ଖୁବ୍ ଆନନ୍ଦ ପାଉଥିଲେ । ସେମାନେ ବାଦୁଡ଼ିର ଗଠନକୁ ଭଲକରି ଦେଖିଲେ ଆଉ ସେମିତି କେତୋଟି ଖେଳନା ତିଆରି କରି ଉଡ଼ାଇବାକୁ ଚେଷ୍ଟା କଲେ ।

Digitized by srujanika@gmail.com



(ଦୁଇ ଭାଇ ଖେଳନା ଉଡ଼ାଉଛନ୍ତି)

ଗୁଡ଼ି ଉଡ଼ାଇବାରେ ଦୁହିଁଙ୍କର ଭାରି ସଉକ ମଧ୍ୟ । ଆଉ ଅରଭିଲ ଗୁଡ଼ି ଖେଳିଲାବେଳେ ଭାବେ ଏହା ଆକାଶରେ ଉଡ଼ାନ୍ତା କି !

ସେମାନେ ପଢ଼ୁଥିଲାବେଳେ ଗାଡ଼ିମଟର ନଥିଲା । ସବୁଠୁଁ ଜୋର୍‌ରେ ଯାଉଥିବା ଯାନ ଥିଲା ସାଇକେଲ । ସେ ବି ଥିଲା ସେତେବେଳେ ଏକ ଅଦ୍ଭୁତ ପଦାର୍ଥ । ଅତି ଧନୀ ଲୋକମାନେ ଏହା ବ୍ୟବହାର କରୁଥିଲେ ।

ଏଇ ଦୁଇଭାଇ ବି ଗୋଟେ ସାଇକଲ କିମିତି ପାଇବେ ମନ କଲେ । କିନ୍ତୁ ତା'ର ଦାମ୍ ତ ଖୁବ୍ ବେଶୀ, ଏତେ ଦାମ୍ ଦେଇ ସେମାନେ ସାଇକେଲ କିଣି ପାରିବେ କେଉଁଠି ? ତେଣୁ ଦୁହେଁ ମିଶି ଗୋଟିଏ ଖେଳନା ସାଇକଲ ତିଆରି କଲେ । ଏହା ଦେଖିବାକୁ ଯିନା ଅବାଗିଆ ଥିଲା; କିନ୍ତୁ ଏହା ଚାଲିଲା ଆଉ ସେମାନେ ସେଥିରେ ବସି ଖୁସିହେଲେ ।

Digitized by srujanika@gmail.com

ତା'ପରେ ସାଇକଲଠାରୁ ଆଉ ଅଧିକ ବେଗରେ କେଉଁ ଯାନ ଯାଇପାରିବ ଚିନ୍ତାକଲେ । ପବନରେ ଉଡ଼ନ୍ତିଭଳି ଗୋଟିଏ ଯନ୍ତ୍ର ବାହାର କରିପାରିଲେ ହୁଅନ୍ତା; କିନ୍ତୁ ସେତେବେଳେ ଏହା ଥିଲା କଳ୍ପନାର ବାହାରେ । ଅଧିକାଂଶ ଲୋକ ଏହି କଥାକୁ କେବଳ ପାଗଳାମି ବୋଲି କହିଲେ । ସେମାନେ ଭାବିଲେ- ଏମାନେ ଦୁଇଟିଙ୍କର ମୁଣ୍ଡ ବିଗିଡ଼ି ଯାଇଛି ।

କିନ୍ତୁ ଅରଭିଲ ଏବଂ ଉଇଲବର ଏ କଥାକୁ କାହିଁକି ଖାତିର କରିବେ ?

ସେମାନେ ଏମିତି ଗୋଟିଏ ଉଡ଼ାଯାନ ବାହାର କରିବାକୁ ଲାଗି ପଡ଼ିଲେ । ଏଥିପାଇଁ ତ ବହୁତ ଧନ ଦରକାର । କେଉଁଠୁ ପାଇବେ ? ଗୋଟିଏ ସାଇକଲ ମରାମତି ଦୋକାନ ଖୋଲିଲେ । ଏଇ ଦୋକାନ ପଛପଟେ ଗୋଟିଏ ଗୁଳିଆ ଘର । ସେଇଠି ଉଡ଼ାଜାହାଜର ପ୍ରଥମ ମଡେଲଟି ଗଢ଼ାହେଲା । ସମସ୍ତେ ଏହାକୁ ଦେଖି ଥଟ୍ଟା କଲେ । ହେଲେ ଦୁଇଭାଇ ଏହାକୁ କାନରେ ପୂରାଇଲେ ନାହିଁ ।

କିନ୍ତୁ ସେମାନେ ଯେତେବେଳେ ଜାଣିବାକୁ ପାଇଲେ ଯେ, ଆମେରିକା ଆଉ ୟୁରୋପରେ ବୈଜ୍ଞାନିକ ଏମିତି ଉଡ଼ାଯାନ ବାହାର କରିବାରେ ଲାଗିଛନ୍ତି, ସେତେବେଳେ ସେମାନଙ୍କ ମନରେ ସାହସ ଆଉ ଦମ୍ଭ ଭରିଗଲା ।

ଅନ୍ୟମାନଙ୍କର କାମ ଦେଖିବାକୁ ତ ସେମାନଙ୍କର ପଇସା ଦରକାର । ଇଞ୍ଜିନିଅରିଂ କଲେଜରେ ଯନ୍ତ୍ର ତିଆରି ପାଠ ପଢ଼ିବା ମଧ୍ୟ ସମ୍ଭବ ନୁହେଁ । ତେଣୁ ସେମାନେ ନିଜେ ନିଜେ ସବୁ ପଢ଼ିବାକୁ ଲାଗିଲେ । ସେମାନେ ଖାଲି ଉଡ଼ାଯନ୍ତ୍ର କାହିଁକି ଆକାଶରେ

Digitized by srujanika@gmail.com

ଉଡ଼ୁଥିବା ନାନାପ୍ରକାର ପକ୍ଷୀ ସମ୍ପର୍କରେ ବହିପତ୍ର ଖୁବ୍ ପଢ଼ିଲେ । ଭୁଇଭାଇଯାକ ଚିତ୍ ହୋଇ ପଡ଼ିଆରେ ପଡ଼ିରହି ଆକାଶରେ ପକ୍ଷୀ କିପରି ଉଡ଼ୁଛନ୍ତି, ଦେଖିବାରେ ଲାଗନ୍ତି ।

ଦେଖୁ ମୁରୁକି ହସି କହିଲା ସେମାନେ ପକ୍ଷୀମାନଙ୍କ ଆକାଶରେ ଉଡ଼ିବାର ଦେଖି ଖୁସି ହେଉଥିଲେ ନା କ'ଣ ?

ମାଷ୍ଟ୍ରେ କହିଲେ—ସେମାନେ ଖାଲି ଖୁସି ହେଉ ନ ଥିଲେ, ପକ୍ଷୀ ଉଡ଼ିବାର ଦେଖି କେତେକଥା ଶିଖିଥିଲେ । ଭୁଇଭାଇଯାକ ଭାବିଲେ ଯେ ପକ୍ଷୀ ପ୍ରକୃତରେ ଯୀଅନ୍ତା ଉଡ଼ାଜାହାଜ । ତା'ର ଉଡ଼ିବା ଭଙ୍ଗୀକୁ ଦେଖି, ସେମାନେ ଉଡ଼ାଜାହାଜ ପାଇଁ ଦରକାରୀ କେତେକ କଥା ଜାଣିପାରିଲେ ।

୧୯୦୦ ମସିହାରେ ଏଇ ଭୁଇଭାଇ ନର୍ଥ କରୋଲିନା ପାଖ କିଟିହକ ନାମକ ଜାଗାରେ ଉଡ଼ାଯାହାଜ ତିଆରି କରିବାରେ ଲାଗିଲେ । ଏଠାରେ ଖୁବ୍ ଜୋର୍‌ରେ ପ୍ରାୟ ସଦାବେଳେ ପବନ ବହୁଥାଏ ।

ଦେଖୁ ପଚାରିଲା—ସାର୍, ଗୋଟିଏ ସାଇକଲ ମରାମତି ଦୋକାନରୁ ସେମାନେ ଏମିତି କେତେ ରୋଜଗାର କରୁଥିବେ ଯେ ସେଥିରେ ଉଡ଼ାଜାହାଜ ତିଆରି କରିବାକୁ ସମର୍ଥ ହେଉଥିଲେ !

୧୯୦୦ ମସିହାର କଥା । ଭୁଇଭାଇ ସେମିତି ଲାଗିଥାନ୍ତି । ବାପା ଓ ଭଉଣୀ ମଧ୍ୟ ସାହାଯ୍ୟ କରୁଥିଲେ । ଖର୍ଚ୍ଚ କମ୍ କରିବାକୁ ରାଇଟ ଭାଇମାନେ ନିଜେ ନିଜର ରୋଷେଇ କରୁଥିଲେ । ବର୍ଷ ପରେ ବର୍ଷ କଟିଲା । ଉଡ଼ାଜାହାଜ ତିଆରିରେ ଭୁଇଭାଇ ଲାଗି

Digitized by srujanika@gmail.com

ରହିଲେ । ସେମାନେ ଗୋଟିଏ ବାଇପ୍ଲେନ ଗଢ଼ିଲେ । ତା'ର ଦୁଇଟି ଡେଣା ଥିଲା ।



(ପ୍ରଥମ ଉଡ଼ାଜାହାଜ)

୧୯୦୨ ମସିହାରେ ସେମାନେ ଆଉ ଏକ ଭଲ ଉଡ଼ିବା ଯନ୍ତ୍ର ବାହାରକଲେ । ତାହା ଆକାଶକୁ ଉଠି କିଛି ସମୟ ଉଡ଼ି ବୁଲିଲା । ପୁଣି ସୁବିଧାରେ ଓହ୍ଲାଇପାରିଥିଲା । ଏହା ଥିଲା ଯନ୍ତ୍ର ବଳରେ ମଣିଷ ଉଡ଼ିବାର ପ୍ରଥମ ଘଟଣା ।

ତା'ପରେ ଆମେରିକାରେ ଆଉ କେତେଜଣ ବି ଉଡ଼ିବାଯନ୍ତ୍ର ବାହାର କରିବାରେ ଲାଗିଥିଲେ ।

ରାଇଟ ଭାଇଙ୍କର ଏମିତି ସଫଳତାରେ ଉତ୍ସାହ ବଢ଼ିଲା । ମନରେ ଦମ୍ଭ ଆସିଲା । ତାଙ୍କ ଉଡ଼ିବା ଯନ୍ତ୍ରକୁ କିପରି ଘୂରାଇ ଦିଗ ବଦଳାଇ ହେବ ତାହା ଥିଲା କଠିନ କଥା । ତାହା ଶିଖିବାରେ ବହୁତ ସମୟ ଲାଗିଲା ।

୧୯୦୯ ମସିହାରେ ସେମାନେ ସରକାରଙ୍କୁ ତାଙ୍କ ଯନ୍ତ୍ର କେତେ ଜୋର୍‌ରେ ଉଡ଼ୁଛି ଦେଖାଇବାକୁ ଚାହିଁଲେ । ଆମେରିକା ସରକାର ମଧ୍ୟ ଏକ ଘୋଷଣା କରିଥିଲେ । ଯାହାର ଉଡ଼ିବାଯନ୍ତ୍ର

Digitized by srujanika@gmail.com

ଘଣ୍ଟାକୁ ୪୦ ମାଇଲ ବେଗରେ ଉଡ଼ିବ, ତାକୁ ଲକ୍ଷେ ପଚଶହଜାର ଟଙ୍କାର ପୁରସ୍କାର ମିଳିବ । ଏହି ଗତି ପରେ ପ୍ରତି ଅଧିକା ମାଇଲ ପାଇଁ ବାର ହଜାର ପାଞ୍ଚଶହ ଟଙ୍କା ଦିଆଯିବ ବୋଲି ଜଣାଇଥିଲେ ।

ମାତ୍ର ୧୪ ମିନିଟ୍ ୫୦ ସେକେଣ୍ଡରେ ରାଇଟ ଭାଇଙ୍କ ଉଡ଼ିବା ଯନ୍ତ୍ର ୧୨ ମାଇଲ ଦୂରତା ପାର ହୋଇଯାଇଥିଲା । ଏହି ଗତି ଘଣ୍ଟାକୁ ୪୨ ମାଇଲ ହୋଇଥିବାରୁ ଆମେରିକା ସରକାର ଦେଢ଼ ଲକ୍ଷ ଟଙ୍କାର ପୁରସ୍କାର ଦେଇଥିଲେ ।

(ରାଇଟ ଭାଇ ଦୁହେଁ)

ଏଇ ଖବର ଟେଲିଫୋନ୍ ଓ ଟେଲିଗ୍ରାଫ୍‌ରେ ଚାରିଆଡ଼କୁ ଖେଳିଗଲା । ଅରଭିଲଙ୍କ ଭଉଣୀ ତାଙ୍କର ବାପାଙ୍କୁ ତାରରେ

Digitized by srujanika@gmail.com

ଜଣାଇଦେଲେ । ଦରିଆ ପାରିହୋଇ ତାରରେ ଖବର ଚ୍ଚରିଆଡ଼େ ଚ୍ଚାଲିଗଲା । ଆମେରିକାର ବଡ଼ ବଡ଼ ଲୋକ ତାଙ୍କୁ ଅଭିନନ୍ଦନ ଜଣାଇଲେ । ରାଷ୍ଟ୍ରପତି ମଧ୍ୟ ତାଙ୍କୁ ସାଧୁବାଦ ଜଣାଇଲେ ।

ଏହାପରେ ଅରଭିଲ ଥରେ ଆଉ ଦୁଇଜଣଙ୍କ ବସାଇ ଆକାଶରେ ଘଣ୍ଟାଏ ସାତ ମିନିଟ୍ ପାଇଁ ତାଙ୍କ ଉଡ଼ାଜାହାଜକୁ ଉଡ଼ାଇଥିଲେ । ଏହା ସାରା ଦୁନିଆରେ ଆନନ୍ଦର ଲହରୀ ଖେଳାଇ ଦେଲା । ବହୁତ ପରିଶ୍ରମ କରି ରାଇଟ୍ ଭାଇ ଦୁହେଁ ଅସମ୍ଭବକୁ ସମ୍ଭବ କରିପାରିଲେ । ସେମାନେ ଇତିହାସରେ ଅମର ହୋଇ ରହିଲେ ।

(ଆଜିର ଉଡ଼ାଜାହାଜ)

ଦେବୁର ମନ ମଧ୍ୟ ଖୁସି ହୋଇଗଲା । ସାର୍‌ଙ୍କଠାରୁ କେତେ କଥା ଶୁଣିଲା । ସେ ଭାବିନେଲା ଆଗକୁ ସତେ ସେ ଦିନେ ଉଡ଼ାଜାହାଜରେ ବସିବ । ଆକାଶରେ ଉଡ଼ି ବୁଲିବ । କେତେ ମଜା ସତେ !

Digitized by srujanika@gmail.com

ପେନସିଲିନ୍ କିପରି ବାହାରିଲା

ବର୍ଷେ ବିଲାତରେ ଘୋର ଥଣ୍ଡା ପଡ଼ିଲା । ଲୋକମାନଙ୍କୁ ଖୁବ୍ ସର୍ଦ୍ଦି ହେଲା । ଖାଲି ସର୍ଦ୍ଦି ତ ନୁହେଁ, ଏକପ୍ରକାର ସାଙ୍ଘାତିକ ଇନ୍‌ଫ୍ଲୁଏଞ୍ଜା । ଥରେ ଏ ରୋଗ କାହାକୁ ଧରିଲେ ଆଉ ଛାଡ଼ୁ ନଥିଲା । ଶେଷରେ ସେ ଏଇ ରୋଗରେ ମରୁଥିଲା ।

ଏମିତି ବହୁ ଲୋକ ଏଇ ବେମାରିରେ ପଡ଼ି ମଲେ । ଆମ ଦେଶରେ ଆଗେ ଯେମିତି ହାଇଜା, ବସନ୍ତ ଲାଗିଲେ ଶହ ଶହ ଲୋକ ମରୁଥିଲେ, ଠିକ୍ ସେମିତି ସେଠାରେ ଏଇ ରୋଗରେ ଲୋକମାନେ ପୋକମାଛି ପରି ମଲେ ।

ଏକାବେଳକେ ବହୁ ଲୋକ ଗୋଟିଏ ରୋଗରେ ପଡ଼ି ମଲେ "ମଡ଼କ" ବୋଲି କହନ୍ତି । ଦେଶସାରା ଏମିତି ମଡ଼କ ପଡ଼ିଲା । ବିଲାତରେ ସେତେବେଳେ ମଧ୍ୟ ବିଜ୍ଞାନ ଆଗେଇଥିଲା । ରୋଗଗୁଡ଼ିକ ପାଇଁ ବହୁ ଔଷଧ ବାହାରିଥିଲା । ହେଲେ ଏଇ ରୋଗ ପାଖରେ ସବୁ ହାର ମାନିଲା । ବିଲାତସାରା କୋକୁଆ-ଭୟ ଖେଳିଗଲା ।

ବିଲାତର ରାଜଧାନୀ ଲଣ୍ଡନ ସହର । ସେଠାରେ ଥିଲେ ଜଣେ-ବଡ଼ ବୈଜ୍ଞାନିକ । ନାଁ ତାଙ୍କର ଆଲେକ୍‌ଜାଣ୍ଡର ଫ୍ଲେମିଙ୍ଗ । ପିଲାଟି ଦିନରୁ ତାଙ୍କର ମନ, କିପରି ନୂଆ କଥା ବାହାର କରିବେ । ନାନା ରୋଗ ଭଲ କରିବେ । ଲୋକଙ୍କର ଦୁଃଖ ଦୂର କରିବେ,

Digitized by srujanika@gmail.com

ନୂଆ ଔଷଧ ବାହାର କରିବାପାଇଁ ସେ ଦିନରାତି ପରୀକ୍ଷା ନିରୀକ୍ଷା କରିବାରେ ଲାଗିଥାନ୍ତି । ଏଥିରେ ସେ ଦୁଃଖଶୋଷ ବି ଭୁଲିଯା'ନ୍ତି ।

(ବୈଜ୍ଞାନିକ ଫ୍ଲେମିଙ୍ଗ)

ଏଥିରେ ଫ୍ଲେମିଙ୍ଗ ବଡ଼ ଦୁଃଖିତ ହେଲେ । କ'ଣ କଲେ ଲୋକମାନେ ଏଇ ମାରାତ୍ମକ ରୋଗରୁ ରକ୍ଷା ପାଇବେ, ଏଥିପାଇଁ ସେ ପରୀକ୍ଷାଗାରରେ ବହୁତ ସମୟ କଟାଇଲେ । ନାନାପ୍ରକାର ଗବେଷଣା ଚଲାଇଲେ । ଲଣ୍ଡନ ସହରର ଏକ ବଡ଼ ଡାକ୍ତରଖାନାର ନାମ ସେଣ୍ଟମେରୀ ହସ୍‌ପିଟାଲ । ସେଠାରେ ସେ ଏଇ କାମରେ ଜୋର୍‌ସୋର୍‌ରେ ଲାଗିଗଲେ । ଦିନରାତି ବି ଭୁଲିଗଲେ ।

ଗବେଷଣାପାଇଁ ନାନାପ୍ରକାର ଯନ୍ତ୍ରପାତି, କାଚନଳି, କାଚଥାଳିଆ, କାଚପାତ୍ର, ଔଷଧପତ୍ର, ରସାୟନିକ ପଦାର୍ଥ

Digitized by srujanika@gmail.com

ଦରକାର ହୁଏ । ପରୀକ୍ଷା ଘର ବା ଗବେଷଣାଗାରରେ ସେସବୁ ରଖାଯାଇଥାଏ ।

ଫ୍ଲେମିଙ୍ଗ୍ ସେଣ୍ଟମେରୀ ଡାକ୍ତରଖାନାର ପରୀକ୍ଷାଘରେ ଗବେଷଣା କରୁଥିଲେ । ଗୋଟିଏ କାଚଥାଳିଆରେ ଥରେ ସେ ଜେଲିଭଳି ଏକ ପଦାର୍ଥ ବୋଳି ଦେଇ ତା ଭିତରେ କେତେକ ରୋଗଜୀବାଣୁ ରଖି ଦେଇଥିଲେ ।

ଦିନକୁ ଦିନ ଏଇ ଜୀବାଣୁ ବହୁ ସଂଖ୍ୟାରେ ବଢ଼ିବାରେ ଲାଗିଥିଲେ । ସେଇ ଜୀବାଣୁଗୁଡ଼ିକ ଏତେ ସାନ ଯେ ଖାଲି ଆଖିରେ ଦେଖିହୁଏ ନାହିଁ । କିନ୍ତୁ ତାହା ସବୁ ରୋଗର ମୂଳ ! ଅଦେଖା ଅସୁରଦଳ ! !

ଫ୍ଲେମିଙ୍ଗ ସେସବୁ ଜୀବାଣୁକୁ ଅଣୁବୀକ୍ଷଣ ଯନ୍ତ୍ର (ଯେଉଁଥିରେ ଅତି ଶ୍ଲେଷ୍ଟ ପଦାର୍ଥ ଖୁବ୍ ବଡ଼ ଦେଖାଯାଏ) ତଳେ ରଖି ପରୀକ୍ଷା କରୁଥିଲେ । ସେ ଘଣ୍ଟା ଘଣ୍ଟା ଧରି ସେସବୁକୁ ଦେଖନ୍ତି । ସେମାନଙ୍କର ଆକାର, ପ୍ରକାର, ଗତି, ପ୍ରକୃତିକୁ ନିରେଖି ଦେଖନ୍ତି ।

ଦିନେ ସେ ଗୋଟିଏ କାଚଥାଳିଆକୁ ଘୋଡ଼ାଇ ରଖିବାକୁ ଭୁଲିଯାଇଥିଲେ । ତା ଆରଦିନ ସକାଳୁ ଆସି ଦେଖିଲେ ସେଇ ଥାଳିଆରେ ବୋଳା ଯାଇଥିବା ଜେଲି ଉପରେ ସାଗୁଆ ରଙ୍ଗର ଫିମ୍ପି ଲାଗିଯାଇଛି । ବାସି ପିଠା, ରୁଟି, ନଡ଼ିଆର ଦେହ ଉପରେ ଏମିତି ଫିମ୍ପି ମାଡ଼ିଥିବାର ଦେଖାଯାଏ ।

କାଚ ଥାଳିଆରେ ଦେଖା ଯାଇଥିବା ଏଇ ଫିମ୍ପି ସେଇପରି । କିନ୍ତୁ ଏହା ଦେଖିବାକୁ ସାଗୁଆ ରଙ୍ଗର ଆଉ ସରୁ ସରୁ ଲୋମ ପରି । ଫ୍ଲେମିଙ୍ଗ ଭାବିଲେ ସେସବୁ ନଷ୍ଟ ହୋଇଯାଇଛି ।

Digitized by srujanika@gmail.com

(ଥାଳିଆରେ ଅସୁରଦଳ)

ତାକୁ ଧରି ଫିଙ୍ଗି ଦେବାକୁ ନେଉଥିଲେ । ତାଙ୍କର ମନ ହେଲା ସେଇ ଥାଳିଆଟିକୁ ଆଣି ଅଣୁବୀକ୍ଷଣ ଯନ୍ତ୍ରତଳେ ଦେଖିବାକୁ । ତାଙ୍କର ପୋଷା ଅସୁରଦଳ କପରି ଅଛନ୍ତି ।

କିନ୍ତୁ ହାୟ, ଯେଉଁଠି ସେଇ ସାଗୁଆ ଫିମ୍ପି, ସେଠି ତାଙ୍କ ଅସୁରଦଳ ମୂଳପୋଛ । ଯେଉଁଠି ଫିମ୍ପି ନାହିଁ, ସେଠି ତାଙ୍କ ଅସୁରତକ ସାଲୁବାଲୁ ! ଫ୍ଲେମିଙ୍ଗ ଖୁବ୍ ଆଶ୍ଚର୍ଯ୍ୟ ହେଲେ ।

ସେ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ବାରମ୍ବାର ସେଇ ଯନ୍ତ୍ରତଳେ କାଚ ଥାଳିଆକୁ ରଖି ଚାହିଁଲେ । ଫିମ୍ପି ପାଖରୁ ଜୀବାଣୁଗୁଡ଼ିକ ଗଲେ କୁଆଡ଼େ ? କ'ଣ ହେଲା ଏସମାନଙ୍କର ? ସେ ବହୁ ପରୀକ୍ଷା ନିରୀକ୍ଷା ଚଳାଇଲେ ।

Digitized by srujanika@gmail.com



(ବଡ଼ ଆକାରରେ ନେଳ ଫିମ୍ପି)

ସେ ସେଇ ନେଳ ଫିମ୍ପିକୁ ଗୋଟିଏ ପାଣିଥିବା କାଚ-ପାତ୍ରରେ ରଖିଲେ । ଚିନି, ଲୁଣପରି କେତେକ ପଦାର୍ଥ ତା'ଭିତରେ ପୂରାଇଲେ । ପାତ୍ରକୁ ନିବୁଜ କରି ଘୋଡ଼ାଇ ଦେଲେ । ସେସବୁ ଖାଇ ଫମ୍ପି ଖୁବ୍ ଜୋର୍‌ରେ ବଢ଼ିଲେ । ପାଣିର ଉପରି ଭାଗ ସେଇ ଫମ୍ପିରେ ପୂରା ଘୋଡ଼ାଇ ହୋଇଗଲା ।

କିଛିଦିନ ପରେ କାଚପାତ୍ରର ଜଳତକ ହଳଦିଆ ଦେଖାଗଲା । ସେଇ ପାଣିରେ ସମ୍ଭବତଃ ଫିମ୍ପିର କିଛି ରାସାୟନିକ ଅଂଶ ମିଶିଛି ବୋଲି ସେ ଭାବିଲେ । ସେଇ ପାଣିକୁ ସେ କେତେକ ରୋଗଜୀବାଣୁ ଉପରେ ପକାଇଲେ । ଦେଖିଲେ ସେଇ ପାଣିରେ ସବୁତକ ଅସୁର ଆଖିପିଛୁଳାକେ ନିପାତ !

Digitized by srujanika@gmail.com

ଫ୍ଲେମିଙ୍ଗ ଏଇ ନୂଆ କଥା ଲେଖି ପତ୍ରପତ୍ରିକାରେ ଛାପିଲେ । ହେଲେ, କେହି ତାଙ୍କର ଏକଥାକୁ ଗୁରୁତ୍ୱ ଦେଲେ ନାହିଁ । ଏହାର କିଛିଦିନ ପରେ ଲଣ୍ଡନରେ ଜୀବାଣୁ ବୈଜ୍ଞାନୀ-ମାନଙ୍କର ଏକ ବଡ଼ ସଭା ହେଲା । ଫ୍ଲେମିଙ୍ଗ ତାଙ୍କର ନଆ

(ଫ୍ଲେମିଙ୍ଗଙ୍କ ପରୀକ୍ଷାଫଳ)

କଥା ବିଷୟରେ କହିବାରୁ ସମସ୍ତେ ହସିଲେ । ସାମାନ୍ୟ ଫିମ୍ପି ରେ ଏସବୁ ରୋଗଜୀବାଣୁ ମରିବା କଥା ସେମାନଙ୍କୁ ଭାରି ଅସମ୍ଭବ ଲାଗିଲା ।

କିନ୍ତୁ ଆମେରିକାର ଜଣେ ଯୁବବୈଜ୍ଞାନିକ ଏଇ ସଭାରେ ଯୋଗ ଦେଇଥିଲେ । ତାଙ୍କ ନାଁ ରେନଡ଼୍‌ବସ୍ ।

Digitized by srujanika@gmail.com

ଫ୍ଲେମିଙ୍ଗଙ୍କ କଥା ତାଙ୍କ ମନକୁ ପାଇଲା; ସେ ନିଜ ଦେଶକୁ ଫେରିଯାଇ ଏ ଦିଗରେ ଅଧିକ ପରୀକ୍ଷା ନିରୀକ୍ଷା ଚଳାଇଲେ ।

ସେମିତି ଇଂଲଣ୍ଡରେ ଆଉଜଣେ ବୈଜ୍ଞାନିକ ଥମ୍ ପରୀକ୍ଷା କରି ଜଣାଇଲେ ଯେ ଫ୍ଲେମିଙ୍ଗଙ୍କର ଫିମ୍ପି ହେଉଛି ପେନିସିଲିୟମ୍ ନୋଟେଟମ୍ । ସେଥିରୁ ପରେ ଯେଉଁ ଔଷଧ ବାହାରିଲା, ତା'ର ନାଁ ରହିଲା ପେନିସିଲିନ୍ ।

ବିଜ୍ଞାନର ବାଟ ଏତେ ସଳଖ ନୁହେଁ । ଭାରି ବଙ୍କାଟଙ୍କା, ଖାଲ ଢିପ । ଥରେ ଥରେ ଜଣେ ଲୋକ ସବୁ କରିଦିଏ । ଥରେ ଥରେ ଅନେକ ଲୋକ ଲାଗିଲେ ଗୋଟିଏ କାମ ସଫଳ ହୁଏ ।

(ହବାର୍ଡ଼ ଫ୍ଲୋରେ)

ବିଲାତର ଏକ ବଡ଼ ବିଶ୍ୱବିଦ୍ୟାଳୟ ଅକସଫୋର୍ଡ଼ । ସେଠାରେ ଡାକ୍ତରିବିଭାଗରେ କାମ କରୁଥିଲେ ହବାର୍ଡ଼ ଫ୍ଲୋରେ

Digitized by srujanika@gmail.com

ଓ ଆରନେଷ୍ଟ ଚେନ୍ । ସେମାନେ ୧୯୩୭ ମସିହାରୁ ଫ୍ଲେମିଂଙ୍କ ଏଇ ଫିମ୍ପ ଉପରେ ପରୀକ୍ଷା ଚଳାଇଲେ ।

(ଆରନେଷ୍ଟ ଚେନ୍)

ସେମାନେ ସେଥିରୁ ପେନସିଲିନ୍ ବାହାର କଲେ । ସେମାନେ ଦେଖିଲେ, ଏଇ ଔଷଧରେ ବହୁରୋଗର ଜୀବାଣୁ ନିର୍ମୂଳ ହୋଇ ଯାଉଛନ୍ତି । କିନ୍ତୁ ଯକ୍ଷ୍ମା, କୁଷ୍ଠ ଆଦି ରୋଗର ଜୀବାଣୁ ଜମା ମରୁନାହାନ୍ତି ।

ଫ୍ଲୋରେ ଓ ଚେନ୍ ବହୁ ସାଙ୍ଘାତିକ ରୋଗୀଙ୍କୁ ଏଇ ପେନସିଲିନ୍ ଇଞ୍ଜେକସନ୍ ଆକାରରେ ଦେଲେ । ଯେଉଁମାନଙ୍କ ବଞ୍ଚିବା ଆଶା ଛାଡ଼ି ଦିଆଯାଇଥିଲା, ସେଇମାନଙ୍କୁ ଏଇ ଔଷଧ ଦେଇ ବଞ୍ଚାଇ ଦିଆଗଲା । ଚଉଦିଗରେ ଏଇ ସଫଳତାର କଥା ବିଜୁଳି ପରି ଖେଳିଗଲା ।

Digitized by srujanika@gmail.com

ଦ୍ୱିତୀୟ ପୃଥିବୀ ମହାଯୁଦ୍ଧରେ ଏଇ ଔଷଧ କୁହୁକ ପରି କାମ ଦେଖାଇଲା । ଯୁଦ୍ଧଭୂଇଁରେ ହଜାର ହଜାର ସୈନ୍ୟ ଖଣ୍ଡିଆ ଖାବରା ହେଲେ । ଆଗେ ସେମାନଙ୍କ ଦେହର ଘା' ଶୀଘ୍ର ଶୁଖି ନପାରିପରି ଯାଉଥିଲା । କିନ୍ତୁ ପେନିସିଲିନ୍ ବ୍ୟବହାର ଫଳରେ ସେମାନେ ଶୀଘ୍ର ଭଲହୋଇ ନୂଆଜୀବନ ପାଇଲେ । ପରେ ଅନେକ ରୋଗରେ ପେନିସିଲିନ୍ ଭଲ କାମ ଦେଲା ।

୧୯୪୫ରେ ଯୁଦ୍ଧ ସରିଲା । କିନ୍ତୁ ପୃଥିବୀ ଏଇ ବୈଜ୍ଞାନୀ-ମାନଙ୍କୁ ଭୁଲିପାରିଲା ନାହିଁ । ସେଇବର୍ଷ ଫ୍ଲେମିଙ୍ଗ, ଫ୍ଲୋରେ ଓ ଚେନ୍‌ଙ୍କୁ ଦୁନିଆର ସବୁଠୁ ବଡ଼ ନୋବେଲ ପୁରସ୍କାର ଦିଆଗଲା । ଦେଶବିଦେଶରେ ସେମାନଙ୍କର ଭୂରିଭୂରି ପ୍ରଶଂସା ହେଲା ।

Digitized by srujanika@gmail.com

ବି. ସି. ଜି. ଟିକା କିପରି ବାହାରିଲା ?

ଯକ୍ଷ୍ମା ଏକ ଭୟଙ୍କର ରୋଗ । ଏଇ ରୋଗ ଧରିଲେ ଯୁବକ ମଧ୍ୟ ଦୁର୍ବଳ ହୋଇଯାଏ । ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି ବୋଲି କଥା ଅଛି । ହେଲେ ଏଇ ଯକ୍ଷ୍ମା ରୋଗ ଦେହକୁ ଖାଇଯାଏ । ସେଥିପାଇଁ ଏହାକୁ କ୍ଷୟ ରୋଗ କୁହାଯାଏ । ଏହାକୁ କେତେକ ରାଜଯକ୍ଷ୍ମା ମଧ୍ୟ କହନ୍ତି ।

(ଯକ୍ଷ୍ମାରୋଗୀ ପିଲା)　　(ସୁସ୍ଥ ପିଲା)

ଏଇ ରୋଗର ପୁଣି ବାଛବିଚାର ନାହିଁ । କି ପିଲା କି ବଡ଼, କି ଧନୀ କି ଗରିବ ସବୁରିଙ୍କୁ ଏଇ ରୋଗ ଧରିପାରେ । ମଣିଷ ଛଡ଼ା ପଶୁପକ୍ଷୀ ବି ଏହି ରୋଗର ଶିକାର ହୁଅନ୍ତି ।

Digitized by srujanika@gmail.com

କେଉଁ କାଳରୁ ପୁଣି ଏଇ ରୋଗ ଆସିଛି । କୋଟି କୋଟି ବର୍ଷ ଆଗରୁ ବି ଏଇ ରୋଗ ପୃଥିବୀରେ ଥିଲା । ପଥର ପାଲଟି ଯାଇଥିବା ଜୀବ କଙ୍କାଳରେ ମଧ୍ୟ ଏଇ ରୋଗ ଚିହ୍ନ ଦେଖାଯାଏ ।

ବୈଜ୍ଞାନିକମାନେ ପରୀକ୍ଷାକରି ଦେଖିଲେ ଯେ ଏଇ ରୋଗ ଏକପ୍ରକାର ଜୀବାଣୁଦ୍ୱାରା ହୋଇଅଛି । ଏହା ପୁଣି ଏତେ ଛୋଟ ଯେ ଆମ୍ଭ ଆଖିରେ ଦେଖି ହୁଏନାହିଁ । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ହିଁ ଏହା ଦେଖାଯାଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଏତେ ଛୋଟ ଜୀବାଣୁଟିର ଗୁଣ କେତେ ? କେଡ଼େ ସାଙ୍ଘାତିକ ରୋଗର ସେ ମୂଳ । ପୁଣି ଜୀବଜନ୍ତୁଙ୍କର ଦେହକୁ ଏମିତି ଜଇଥିବା ଅବସ୍ଥାରେ ବି ଖାଇଯାଏ ! !

ସମସ୍ତେ ଜାଣନ୍ତି ଯେ ରୋଗ ହେଲେ ଭଲ କରିବା ଅପେକ୍ଷା ରୋଗ ମୂଳରୁ ନହେବା ପାଇଁ ଯତ୍ନ କରିବା ଭଲ । ପ୍ରଥମେ ବସନ୍ତ, ହଇଜା, ଟାଇଫଏଡ଼୍ ଆଦି ରୋଗ ନ ହେବାପାଇଁ ଟିକା ବା ଇଞ୍ଜେକ୍‌ସନ ବାହାରିଲା ।

ଯକ୍ଷ୍ମା ରୋଗ ପାଇଁ ପ୍ରତିଷେଧକ ଉପାୟ ବାହାରିଲା ନାହିଁ । ତେଣୁ ସାରା ପୃଥିବୀରେ ଏଇ ରୋଗର ପ୍ରକୃତି ବଢ଼ିଗଲା । ହଜାର ହଜାର ଲୋକ ଏଇ ରୋଗରେ ମଲେ । ସବୁଦେଶରେ କୋଳାହଳ ଖେଳିଗଲା ।

ବିଜ୍ଞାନୀମାନେ କିନ୍ତୁ ହତାଶ ହେଲେ ନାହିଁ । ସେମାନେ ଆଶା କରିଥିଲେ ଯେ ଯକ୍ଷ୍ମାରୋଗ ପାଇଁ ମଧ୍ୟ କିଛି ଉପାୟ ବାହାର କରିହେବ । ୧୯୦୭ ମସିହାର କଥା । ଫରାସୀ ଦେଶର ରାଜଧାନୀ ପାରିସ୍ । ସେଠାରେ ଥିବା ପାଶ୍ଚର ଅନୁଷ୍ଠାନ ଭିତରେ ବସିଥାନ୍ତି । ତା'ର

Digitized by srujanika@gmail.com

ଦୁଇଜଣ ବିଜ୍ଞାନୀ ଏ. କାଲମେଟ୍ଟ ଓ ସି. ଗୁରିଏନ୍ ଯକ୍ଷ୍ମାରୋଗ କ୍ଷେତ୍ରରେ ଗବେଷଣା କଲେ ।

ଗାଈମାନଙ୍କୁ ଯକ୍ଷ୍ମାରୋଗ ବେଶୀ ହେଉଥିଲା । ସେମାନଙ୍କ ଦୁଧ ଖାଇଲେ ସହଜରେ ମଣିଷ ଯକ୍ଷ୍ମାରୋଗରେ ପଡ଼ୁଥିଲା । ପୁଣି ଯକ୍ଷ୍ମାରୋଗୀଙ୍କ ପିଲାମାନେ ବି ବେଶୀ ଏଇ ରୋଗର ଶିକାର ହେଉଥିଲେ । ତେଣୁ ଏମାନଙ୍କୁ କିପରି ଏଇ ଭୟାନକ ରୋଗର ଦାଉରୁ ରକ୍ଷା କରିହେବ ? ତାହା ଥିଲା ସେମାନଙ୍କ ଚିନ୍ତାର ବିଷୟ ।

ମାସେ ନୁହେଁ କି ବର୍ଷେ ନୁହେଁ—ତେର ବର୍ଷକାଳ ସେମାନେ ଦିନରାତି ଏଥିରେ ଲାଗିଲେ । ନାନାପ୍ରକାର ପରୀକ୍ଷାନିରୀକ୍ଷା ଚଳାଇଲେ । ଶେଷରେ ସେମାନେ ଗୋଟିଏ ବାଟ ପାଇଲେ । ଦୁର୍ବଳ ଯକ୍ଷ୍ମା ଜୀବାଣୁଙ୍କୁ ମଣିଷ ଦେହରେ ଟିକା ଆକାରରେ ଛାଡ଼ିଦେଲେ ଯକ୍ଷ୍ମାରୋଗକୁ ରୋକି ହେବ ।

ମଣିଷ ଦେହରେ ଏହା ସେଇ ରୋଗର ପ୍ରତିରୋଧକ ଶକ୍ତି ଗଢ଼ିପାରିବ, ତା ଫଳରେ ଯକ୍ଷ୍ମା ରୋଗର ଜୀବାଣୁମାନେ ଦବିଯିବେ । ସେମାନେ ଆଉ ମୁଣ୍ଡଟେକି ପାରିବେ ନାହିଁ । ମଣିଷକୁ ଏଇ ଉପାୟରେ ଯକ୍ଷ୍ମା ହେବନାହିଁ । ହେଲେ ମଧ୍ୟ ବିଶେଷକିଛି କ୍ଷତି କରିପାରିବ ନାହିଁ ।

ଯେତେବେଳେ କେଲମେଟ୍ଟ ଓ ଗୁରିଆନ୍ ଏଇ ଟିକା ପ୍ରଥମେ ବାହାର କଲେ, ବହୁ ବିଜ୍ଞାନୀ ଏହା ବିରୁଦ୍ଧରେ ପ୍ରଚାର କଲେ । ଅନେକ ଜୀବଜନ୍ତୁଙ୍କ ଉପରେ ଏହା ପରୀକ୍ଷା କରାଗଲା । ୧୯୨୧ ମସିହାରେ ବହୁ ବାଛୁରୀଙ୍କୁ ଏଇ ଟିକା ଦିଆଗଲା । ଏହା

Digitized by srujanika@gmail.com

ଫଳରେ ଯକ୍ଷ୍ମା ରୋଗଙ୍କୁ ବହୁପରିମାଣରେ କମାଇ ଦିଆଗଲା । ତା'ପରେ ଯକ୍ଷ୍ମା ରୋଗୀଙ୍କ ପିଲାମାନଙ୍କୁ ଏହି ଟିକା ଦେଇ ଖୁବ୍ ଭଲ ଫଳ ମିଳିଲା ।

(ପିଲାଟିକୁ ଟିକା ଦିଆଯାଉଛି)

ଏହି ଦୁଇ ବୈଜ୍ଞାନିକଙ୍କ ନାଁ ଅନୁସାରେ ଏହା ବି. ସି. ଜି. ଟିକା ନାମରେ ସବୁଦେଶରେ ଜଣାଶୁଣା ହେଲା । ନାନାଦେଶରେ ବି. ସି. ଜି ଟିକା ତିଆରି କରିବାପାଇଁ କାରଖାନା ବସିଲା । ଆମ ଦେଶର ଦୁଇଜଣ ବୈଜ୍ଞାନିକ ବିଦେଶକୁ ଯାଇ ଏଥିପାଇଁ ତାଲିମ୍ ପାଇଲେ । ସେମାନେ ମାନ୍ଦ୍ରାଜରେ ସ୍ଥାପିତ ବି. ସି. ଜି. କାରଖାନାର କର୍ମକର୍ତ୍ତା ହେଲେ । ୧୯୪୯ ମସିହାରୁ ଏହି କାରଖାନା କାମ ଆରମ୍ଭ କଲା ।

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ଆନ୍ତର୍ଜାତିକ ଶିଶୁ ସାହାଯ୍ୟ ପାଣ୍ଠି ପ୍ରଭୃତି ସଂସ୍ଥା ତରଫରୁ ଏଥିପାଇଁ ଭାରତକୁ ବହୁ ସାହାଯ୍ୟ ମିଳିଥିଲା । ଏଠାରେ ଲକ୍ଷ ଲକ୍ଷ ଟିକା ତିଆରି ହୋଇ ଭାରତର ଆବଶ୍ୟକତା

Digitized by srujanika@gmail.com

ପୂରଣ କରୁଛି । ପାକିସ୍ତାନ, ଶ୍ରୀଲଙ୍କା, ମାଲୟେସିଆ, ଇଣ୍ଡୋନେସିଆ ଆଦି ଦେଶକୁ ମଧ୍ୟ ପଠାଯାଉଛି ।

ବି. ସି. ଜି. ଟିକା ତିଆରି ହେବାର ଦୁଇ ସପ୍ତାହ ପରେ ନଷ୍ଟ ହୋଇଯାଏ । ତେଣୁ ଏହାକୁ ବଡ଼ ବଡ଼ ବରଫ ବାକ୍ସରେ ପୂରାଇ ଟ୍ରେନ୍, ମଟର, ଏମିତିକି ଉଡ଼ାଜାହାଜରେ ସବୁଆଡ଼କୁ ପଠାଯାଏ ।

ବି. ସି. ଜି. ଟିକା ଖୁବ୍ ଯତ୍ନର ସହିତ ଦେବାକୁ ହୁଏ, ତା' ପୂର୍ବରୁ ଲୋକଙ୍କୁ ପରୀକ୍ଷା କରାଯାଏ । ନଚେତ୍ ଓଲଟା ଫଳ ମିଳିଥାଏ । ପିଲାମାନଙ୍କୁ ଏଇ ଟିକା ଦେବା ନିତାନ୍ତ ଦରକାର । ଏଥିପାଇଁ ମଧ୍ୟ ବେଶୀ ଖର୍ଚ୍ଚ କରିବାକୁ ପଡ଼େ ନାହିଁ ।

ଦିନକୁ ଦିନ ବି. ସି. ଜି. ଟିକା ଖୁବ୍ ଲୋକପ୍ରିୟ ହୋଇଛି । ଫଳରେ ଯକ୍ଷ୍ମାରୋଗ ଆଉ ଭୟଙ୍କର ହୋଇ ରହି ନାହିଁ । ମଣିଷ ଜାତି ଆଜି ଶାନ୍ତିରେ ନିଃଶ୍ୱାସ ମାରୁଛି ।

Digitized by srujanika@gmail.com

ମୁଁ ସିନା ଅସନା, ମୋର କେତେ ଗୁଣ !

ମୁଁ ଦେଖିବାକୁ କଳା ଆଉ ଅସନା । ହେଲେ ମୋ ଭିତରେ କେତେ ରଙ୍ଗ, କେତେ ସୁବାସ ଭରିରହିଛି, ଜାଣିଚ ? କୁହୁକ ରାଇଜର କଥା ପରି ତୁମକୁ ଲାଗିବ ! ବିଲାତର ଜଣେ ବୈଜ୍ଞାନିକ ହେନେରୀ ପାର୍‌କିନ୍ ମୋର ଏହି ରହସ୍ୟକୁ ପଦାରେ ପକାଇଦେଲେ । ସେ ଗୋଟିଏ କାରଖାନା ବସାଇ ମୋ ଦେହରୁ ନୀଳ, ନାଲି, ସବୁଜ, ହଳଦିଆ, ଗୋଲାପୀ, ବାଇଗଣୀ ଆଦି କେତେ ରଙ୍ଗ ବାହାର କଲେ ।

ସେଥିପାଇଁ ପୃଥିବୀରେ କେତେ କଲକାରଖାନା, କେତେ ଶିଳ୍ପ ବାଣିଜ୍ୟ ମୁଣ୍ଡ ଟେକିଲା । ଏଇସବୁ ରଙ୍ଗ ପୁଣି ଶସ୍ତା ହୋଇଥିବାରୁ ନାନାପ୍ରକାର ପଦାର୍ଥକୁ ସୁନ୍ଦର କରିବାରେ ଏହାର ବ୍ୟବହାର ହେଉଛି ।

ମୋ ଦେହରୁ କେତେ ଯେ ଔଷଧ ବାହାରିଛି, ତା'ର କଳନା ନାହିଁ । ମଣିଷ ଦୁଃଖକଷ୍ଟରେ ପଡ଼ିଥିବା ରୋଗମାନଙ୍କ ହାତରୁ ରକ୍ଷା ପାଇବାରେ ଏହିସବୁ ଔଷଧ ସାହାଯ୍ୟ କରୁଛି । ରୋଗୀକୁ ଅଚେତ କରି କଠିନ ଅସ୍ତ୍ରୋପଚାର କରିବାପାଇଁ

Digitized by srujanika@gmail.com

ଯେଉଁ ସବୁ ଔଷଧ ଲୋଡ଼ାଯାଏ, ତାହା ସବୁ ମୋଠାରୁ ଜନ୍ମ ।

ମୋଠାରୁ ବାହାରୁଥିବା କାର୍ବୋଲିକ୍ ଏସିଡ଼ରେ ସାବୁନ ତିଆରି ହୋଇ କାଛୁକୁଣ୍ଡିଆକୁ ଭଲ କରିବାରେ ସାହାଯ୍ୟ କରେ । ଦେହର ପୋଡ଼ା ଜାଗାରେ ଏହି ଏସିଡ଼ ଲଗାଇ କଷ୍ଟ ଲାଘବ କରାଯାଏ । ପାଗଳ ବିଲୁଆ କାମୁଡ଼ିଲେ କ୍ଷତ ସ୍ଥାନରେ ଏହାକୁ ଲଗାଇ ରୋଗୀକୁ ଭଲ କରାଯାଏ ।

ଆଗେ ଆମ ଦେଶ ପରି ବହୁଦେଶରେ ପ୍ରବଳ ମେଲେରିଆ ରୋଗ ବ୍ୟାପିଥିଲା । ଲୋକମାନେ ଏହି ଜ୍ୱରରେ ଅତି ଦୁର୍ବଳ ହେଉଥିଲେ । ଅନେକ ରୋଗୀ ମୃତ୍ୟୁମୁଖରେ ମଧ୍ୟ ପଡ଼ୁଥିଲେ । ମୋଠାରୁ କୁଇନାଇନ୍ ପ୍ରଭୃତି ଔଷଧ ବାହାର କରି ବ୍ୟବହାର କରିବାରେ ଏଇ ରୋଗକୁ ଦୂର କରାଯାଇପାରୁଛି ।

ଅନେକ ରୋଗରୁ ମଣିଷକୁ ରକ୍ଷା କରିବାପାଇଁ ମୋର ପୁଅଝିଅମାନେ ଦିନରାତି ବ୍ୟସ୍ତ । ନିଦ୍ରାରୋଗ, ଯକ୍ଷ୍ମା, କୁଷ୍ଠ, କର୍କଟ ପ୍ରଭୃତି ମାରାତ୍ମକ ରୋଗ କବଳରୁ ରକ୍ଷା କରିବା ପାଇଁ ସେମାନେ ଲାଗିପଡ଼ିଛନ୍ତି । ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ ଯେ, ମଶାମାଛି, ପୋକଜୋକଙ୍କଠାରୁ ରକ୍ଷାକରିବାପାଇଁ ଯେଉଁ ଗାମାକ୍ସିନ୍, ଡିଡିଟି ପ୍ରଭୃତି ନିତାନ୍ତ ଦରକାର ପଡ଼ୁଛି, ସେଗୁଡ଼ିକ ମୋଠାରୁ ଜନ୍ମ । ଏମିତି ଦେଖିଲେ ଆଜିକାଲି ଦୁନିଆରେ ବ୍ୟବହୃତ ହେଉଥିବା ଔଷଧର ଶତକଡ଼ା ଅଶୀଭାଗ ମୋଠାରୁ ଜନ୍ମ ବୋଲି କହିଲେ ଭୁଲହେବ ନାହିଁ ।

Digitized by srujanika@gmail.com

ଚିନିଠାରୁ ପାଞ୍ଚଶହ ଗୁଣ ଅଧିକ ମିଠା ଜିନିଷ ହେଲା ସାକାରିନ୍ । ତାହା ବି ମୋଠାରୁ ତିଆରି ହୁଏ । ତୁମେ ଲୋଭ

(ସାକାରିନ୍)

କରି ଯଦି ଏହାକୁ ପାଟିରେ ବେଶି ପକାଇଦେବ, ତେବେ ଉତ୍କଟ ପିତାରେ ଥୁ ଥୁ କରିବ । କିନ୍ତୁ ବହୁତ ପାଣିରେ ଅଳ୍ପ ଟିକିଏ ମାତ୍ର ପକାଇଦେଲେ କି ମିଠା !

ଚା’, ସରବତ, ଲେମୋନେଡ୍, କ୍ୱାସ ପ୍ରଭୃତି ପାନୀୟରେ ସାକାରିନ୍ ବହୁତ ବ୍ୟବହୃତ ହୁଏ । ଯେଉଁଠି ୨୫।୩୦ କିଲୋ ଚିନି ଦରକାର, ସେଠି ମାତ୍ର ୪୦।୫୦ ଗ୍ରାମ୍ ଓଜନର ସାକାରିନ୍ ଯଥେଷ୍ଟ । ତେବେ ଏଥିରେ କିଛି ଖାଦ୍ୟ-ସାର ନଥିବାରୁ ଖାଦ୍ୟଦ୍ରବ୍ୟରେ ଏହାକୁ ବ୍ୟବହାର କରିବାକୁ ମନା ହୋଇଥାଏ । ବହୁମୂତ୍ର ରୋଗୀମାନଙ୍କୁ ଚିନି ଖାଇବାକୁ ବାରଣ ହୋଇଥିବାରୁ ସେମାନେ ସାକାରିନ୍ ବ୍ୟବହାର କରିଥାନ୍ତି । ସାକାରିନ୍ ଛଡ଼ା ଡୁଲସିନ୍, ସୁକ୍ରାମିନ୍, ସାଇକୋନ୍

Digitized by srujanika@gmail.com

ପ୍ରଭୃତି ଚନ୍ଦାଠାରୁ ଅଧିକ ମିଠା ଉପାଦାନ ମୋଠାରୁ ବାହାରୁଛି ।

ଆଜକାଲି ଦେହଲଗା ପାଉଡ଼ର, ସାମ୍ପୁ, ସାବୁନ୍, ଅତର ପ୍ରଭୃତି ତିଆରି କରିବାରେ ମୋ ଦେହରୁ ବାହାରୁଥିବା ଏକ କସ୍ତୁରୀ ବା ଅର୍କ ବ୍ୟବହୃତ ହୁଏ । ମୁଁ ସିନା ଦେଖିବାକୁ ଧୂଳି ଅସନା ଆଉ ମୋ ରୂପ ଆଉ ଗନ୍ଧରେ ତୁମେ ନାକ ଟେକିବ, ମୋ ଦେହରେ ଥିବା ସୁଗନ୍ଧରେ ଘର କମ୍ପି ଉଠିବ । ଏବେ ଯେତେପ୍ରକାର ବାସନା ଜିନିଷ ମିଳେ, ପ୍ରାୟ ସବୁଥିରେ ମୋର ସୁଗନ୍ଧି ବ୍ୟବହାର କରାଯାଏ ।

ତୁମେ ଆଜି ବ୍ୟବହାର କରୁଥିବା ନୂଆ ନୂଆ ପୋଷାକ-ପତ୍ର ମଧ୍ୟରୁ ଅଧିକାଂଶ ନାଇଲନ୍, ଟେରିଲିନ୍ ପ୍ରଭୃତିରେ ତିଆରି । ସେଗୁଡ଼ିକ ଯେମିତି ଟାଣ, ସେମିତି ସୁନ୍ଦର । ଇସ୍ତ୍ରୀ ଦେବାକୁ ପଡ଼େ ନାହିଁ । କାରଣ ଏଥିରେ ଧାଙ୍ଗ ସହଜରେ ପଡ଼େ ନାହିଁ । ଏହି ପୋଷାକ ମଧ୍ୟ ଶସ୍ତା ହୋଇଥିବାରୁ ଧନୀ, ଦରିଦ୍ର ସମସ୍ତେ ବ୍ୟବହାର କରିପାରନ୍ତି । ଏହିସବୁ ନାଇଲନ, ଟେରିଲିନ୍‌ର ଉପାଦାନ ମୋଠାରୁ ମିଳେ ।

ଆଜିର ଯୁଗକୁ ପ୍ଲାଷ୍ଟିକ୍‌ର ଯୁଗ କୁହାଯାଏ । କାରଣ ଆଜିକାଲି ପାନିଆ, କଲମ, ଢୁଆଡ, ଚଷମା, ଟେଲିଫୋନ୍‌ଠାରୁ ଆରମ୍ଭକରି ଗାଡ଼ିମଟର ଉଡ଼ାଜାହାଜ ଯାଏ ଅସଂଖ୍ୟ ଜିନିଷ ପ୍ଲାଷ୍ଟିକ୍‌ରେ ତିଆରି । ଆବଶ୍ୟକ ସିନ୍ଥେଟିକ୍, ରବର, ଫାଇବର ଗ୍ଲାସ ପ୍ରଭୃତି ବିଭିନ୍ନ ନାମରେ ଏହା ପରିଚିତ । ଏହା ଯେମିତି ମଜବୁତ୍, ସେମିତି ସୁନ୍ଦର ଆଉ ଶସ୍ତା । ପ୍ଲାଷ୍ଟିକ୍‌ର ଉପାଦାନ ବି ମୋଠାରୁ ଜନ୍ମ ।

Digitized by srujanika@gmail.com

ଅନେକ ପ୍ରକାର ଭିଟାମିନ୍ ବା ଖାଦ୍ୟସାର, ଛେନା-ଜାତୀୟ ଖାଦ୍ୟ ତିଆରରେ ମୋଠାରୁ ଜାତ ଉପାଦାନ ବ୍ୟବହୃତ ହୁଏ । ସେଗୁଡ଼ିକର ବହୁଳ ବ୍ୟବହାର ହେଲେ ଖାଦ୍ୟର ଅଭାବ ଦୂର ହୋଇପାରିବ ବୋଲି ବୈଜ୍ଞାନିକମାନଙ୍କର ମତ । ଆଗକୁ ମୋର ବ୍ୟବହାର ଖାଦ୍ୟରେ ବଢ଼ିଯିବ, ନାନାରୂପରେ ଆଉ ଗୁଣରେ ।

ଏବେ ମୁଁ କିଏ ଜାଣିଲ ? ମୋ ନାଁ ଆଲକାତରା । ମୁଁ ଯିନା ଦେଖିବାକୁ ଏତେ କଳାକୋଚଟ ଆଉ ଅସନା, ହେଲେ

(ଆଲକାତରା)

ମୋ ଦେହରେ ସତେ ଅଛି କେତେ ରଙ୍ଗ, କେତେ ମଠା, କେତେ ଔଷଧ ଆଉ କେତେ ବାସନା ! ମୁଁ ଯେତେ କହିଲେ ତୁମେ ବିଶ୍ୱାସ କରିପାରିବ ନାହିଁ । ତୁମେ ବଡ଼ହେଲେ, ସେସବୁ ନିଜ ଆଖିରେ ଦେଖିବ ଆଉ ହାତରେ ପରଖି ପାରିବ ।

———

Digitized by srujanika@gmail.com

ଚଉଦଗଡରେ ବିଜ୍ଞାନର କୁହୁକ ଖେଳ

ଆଜକାଲି ସବୁଠି ବିଜ୍ଞାନ ଯୁଗର ମହିମା । ଖାଇବା, ଶୋଇବା, ଯିବାଆସିବା, ପଢ଼ିବା, କାମ କରିବା ସବୁଥିରେ ବିଜ୍ଞାନର ବାହାଦୁରୀ । ଥରେ ଥରେ ଏହା ଏତେ ଅଦ୍ଭୁତ ଯେ ବିଜ୍ଞାନର କୁହୁକ ଖେଳପରି ଲାଗେ ।

ବିଦେଶରେ ବସ୍‌ଗୁଡ଼ିକରେ ଥାନ୍ତି ମାତ୍ର ଜଣେ ଡ୍ରାଇଭର । କଣ୍ଡକ୍‌ଟର କ୍ଲିନର ସେଥିରେ ନଥାନ୍ତି । ଡ୍ରାଇଭରଙ୍କ ପାଖରେ ସୁଇଚ୍ ବୋର୍ଡ଼ଟିଏ । ସେଥିରୁ ଗୋଟିଏ ସୁଇଚ୍ ଟିପିଦେଲେ ଦୁଆର ଖୋଲିଯାଏ । ଡ୍ରାଇଭରଙ୍କ ବାମକଡ଼କୁ ଗୋଟିଏ ପଇସା ବାକ୍‌ସ । ଭଡ଼ା ପଇସାଟିଏ ସେଠାରେ ପକାଇଦେଲେ ଟିକେଟ୍ ବାହାରିପଡ଼େ ।

ଯେଉଁଠି ଓହ୍ଲାଇବା କଥା ଯାତ୍ରୀ ଠିଆହୋଇ କଲିଂବେଲ ଟିପି ଦିଅନ୍ତି, ଡ୍ରାଇଭର ସେହି ସ୍ଥାନରେ ବସ୍‌ଟିକୁ ରଖନ୍ତି । ସୁଇଚ୍ ଟିପି ଦୁଆରଟି ଖୋଲିଦିଅନ୍ତି । ଯାତ୍ରୀ ଓହ୍ଲାଇଗଲେ ସୁଇଚ୍ ଟିପି ଦୁଆର ବନ୍ଦ କରନ୍ତି । ଏସବୁ କାମ କେବଳ ସୁଇଚ୍ ଟିପ କରାଯାଏ । ଡ୍ରାଇଭରଙ୍କୁ ତାଙ୍କ ସିଟ୍‌ରୁ ଉଠିବା ଦରକାର ପଡ଼େ ନାହିଁ ।

ବହୁ ମହଲା ପକ୍‌କା ଘର । ରହିବାଠାରୁ ଅଫିସ ଘର, ଦୋକାନ ଘରଠାରୁ ହୋଟେଲ୍ ଯାଏ ସବୁଠି ଲିଫ୍‌ଟ ବା ଏସ୍‌କା-

Digitized by srujanika@gmail.com

ଲେଟର । ଉପର ମହଲ୍‌କୁ ଉଠିବା ପାଇଁ ପରିଶ୍ରମ କରିବାକୁ ପଡ଼େ ନାହିଁ । ଲିଫ୍‌ଟରେ ସୁଇଚ୍ ଟିପିଦେଲେ ଯେଉଁ ମହଲ୍‌କୁ



(ଚଲନ୍ତା ପାହାଚ)

ଯିବା କଥା, ଲିଫ୍‌ଟ ଯାଇ ସେଇ ମହଲ୍‌ରେ ରହିଯିବ ଓ ଦୁଆର ଖୋଲିଯିବ । ଏସ୍‌କାଲେଟରରେ ତ ପାହାଚଗୁଡ଼ିକ ତଳ ଉପର ଓ ଉପରୁ ତଳକୁ ଯିବା ଆସିବା କରୁଥାଏ । ଜଣେ ଚାହିଁଲେ ଏଇ ଚଲନ୍ତା ପାହାଚ ଉପରେ ଠିଆହୋଇ ଉପରକୁ ଯିବ ବା ତଳକୁ ଆସିପାରିବ ।

ହୋଟେଲ୍ ଓ ଛାତ୍ରାବାସରେ ପ୍ରାୟ ଶହ ଶହ ଲୋକ ଓ ଛାତ୍ରଛାତ୍ରୀ ଖିଆପିଆ କରନ୍ତି । ସକାଳ ଚା, ଜଳଖିଆଠାରୁ ଦିନ ଆଉ ରାତି ଖିଆଯାଏ । ଆମ ଦେଶରେ ଏତିକ ତିଆରି କରି ପରଷାପରଷି କରିବାରେ ୧୦।୧୫ ଜଣ ପୂଜାରୀ ଚାକର ହାଲିଆ ହୋଇଯା'ନ୍ତି । ପ୍ରାୟ ସକାଳ ସନ୍ଧ୍ୟାଯାଏ ଚାଲି ଲାଗିଥାଏ ।

Digitized by srujanika@gmail.com

କିନ୍ତୁ ସେଠାରେ ଦୁଇଜଣ ପୁରୁଷ ଓ ତିନିଜଣ ସ୍ତ୍ରୀ ସବୁ ସୁବିଧାରେ ନେଇ ଆଣି ଥୋଇପାରନ୍ତି ।

ଜରୁରୀ ଦରକାର ପଡ଼ିଲେ ଏତେ ଗୃହର ପୂଜାରୀଙ୍କ ଭିତରୁ ଜଣକୁ ଗୁଡ଼ିବା କାଠିକର ପାଠ । କିନ୍ତୁ ସେଠାରେ ସେମାନେ ସନ୍ଧ୍ୟା ସାତଟା ଭିତରେ ଖିଆପିଆ ସାରି ୮ଟା ଭିତରେ ସବୁ ଧୁଆଧୋଇ କରି ସିନେମା ଦେଖିବାକୁ ଯା'ନ୍ତି । ପ୍ରେକ୍ଷାଗୃହରେ ଯୋଗ ଦିଅନ୍ତି । ସାଙ୍ଗସାଥୀ ଧରି ମଉଜମଜଲିସ୍ କରନ୍ତି । ଏମିତିକି ସେମାନଙ୍କ ମଧ୍ୟରୁ ଜଣେ ଜଣେ ସପ୍ତାହେ ଲେଖାଁ ଛୁଟିନେଇ ବୁଲିବାକୁ ଯା'ନ୍ତି ।

ଏତେ ଲୋକଙ୍କ ପାଇଁ ୫୭ ଜଣ ଲୋକ କିପରି ରୋଷେଇ-ବାସ କରନ୍ତି ? ଠିକ୍ ବେଳରେ ପୁଣି ସବୁ ଯୋଗାଇ ଦିଅନ୍ତି, ତାହା ଭାବିଲେ ଆମକୁ ଆଶ୍ଚର୍ଯ୍ୟ ଲାଗେ ।

ରୋଷେଇ ଘର ଭିତରକୁ ପଶିଲେ ମନେହେବ ତାହା ଯେମିତି ଏକ ଖାଦ୍ୟରନ୍ଧା କାରଖାନା ! ବିଭିନ୍ନପ୍ରକାର ଯନ୍ତ୍ର-ପାତିରେ ଘରଟି ଭରପୂର । ସେଁ ସାଁ, ସର୍‌ସର୍, ଘର୍‌ଘର୍ ଶବ୍ଦରେ ସେ ସ୍ଥାନଟି କମ୍ପୁଛି । ତେଣୁ ମଣିଷ ଖାଲି ଜିନିଷପତ୍ର ଯୋଗାଇଦେଲେ ଆଉ ସୁଇଚ୍ ଟିପିଦେଲେ ରୋଷେଇ ହେଲା । ପୁଣି ଆମଭଳି ତରକାରୀପତ୍ରରେ ଏତେ ପ୍ରକାର ତେଲ ମସଲା ଆଉ ଛୁଙ୍କବଘରା ଇତ୍ୟାଦି ଦରକାର ନାହିଁ ।

ଘର ବାହାରେ ଶୀତର ପ୍ରବଳ ପ୍ରକୋପ । ବରଫର ବର୍ଷା ଆଉ ଝଡ଼ । କୋହଲା ପାଗରେ କଲିକାଥରା ପବନ ବହୁଛି । ହେଲେ ଘର ଭିତର ଖୁବ୍ ଉଷମ । ଯନ୍ତ୍ର ରହୁଛି । ସୁଇଚ

ଚିପିଦେଲେ ଘରସାରା ଉତ୍ତପର ଲହଡ଼ି ଖେଳଯାଏ । କେଡ଼େ ଆରାମ, କେଡ଼େ ଗରମ ସତେ !

ସେମିତ ଭୂଇଁ ଉପରେ ଯେତେବେଳେ ଶୀତର ରାଜତ୍ୱ ଭୂଇଁ ତଳେ ସେତେବେଳେ ଚୈତ୍ର ବସନ୍ତ । ବାହାରେ ବର୍ଷା ହେଉଛି, ଶୀତ ପ୍ରବଳ ବହୁଛି । ବରଫ ପଡ଼ୁଛି, । ଦେହମୁଣ୍ଡ କୋଲ ମାରିଯାଉଛି । ହେଲେ ଭୂଇଁ ତଳ ରେଲଗାଡ଼ିରେ ଯାତ୍ରା କଲେ ଦେହକୁ ଏସବୁ ବାଧେ ନାହିଁ । ଘଣ୍ଟାକୁ ଶହ ଶହ କଲୋମିଟର ବେଗରେ ନାନାସ୍ଥାନକୁ ଏହି ରେଲଗାଡ଼ିର ଗତି ।



(ଭୂଇଁତଳ ରେଲଗାଡ଼ି)

ବାଲ୍ଟିନରେ ଏକା ଚାରିହଜାରରୁ ଅଧିକ ବିଜୁଳିଚାଳିତ ରେଲଗାଡ଼ି ଭୂଇଁତଳେ ଚାଲିଛି । ଭୂଇଁ ତଳକୁ ଓହ୍ଲାଇ ପଡ଼ିଲେ, କେଉଁଠିକି ଯିବ, ତୁମେ ଜାଣିଥିଲେ ହେଲା । କାନ୍ଥବାଡ଼ରେ ମାନଚିତ୍ର କାଟି ତୁମର ଯିବା ରାସ୍ତା ନିର୍ଦ୍ଦିଷ୍ଟ ହୋଇଛି । ଭଡ଼ା ମଧ୍ୟ ଠିକ ହୋଇଛି । ଭଡ଼ା ପଇସାତକ ଗୋଟିଏ ଯନ୍ତ୍ରରେ ପୂରାଇଦେଲେ

Digitized by srujanika@gmail.com

ଟିକେଟଟିଏ ବାହାରି ପଡ଼ିବ । ତୁମେ ତାକୁ ଧରି ଗାଡ଼ିରେ ବସିଲେ ଗଲା । ପ୍ରଥମରୁ ଟିକିଏ ଅସୁବିଧା ହୋଇପାରେ । ପରେ ବାଗ ଜାଣିଗଲେ ଆଉ ବାଟ ପାଇବାରେ କିଛି ଅସୁବିଧା ନାହିଁ ।

ଲଣ୍ଡନରେ ଭୂଇଁତଳ ଗୋଟିଏ ଷ୍ଟେସନରେ ଲେଖାଯାଇଛି ଆପଣ ଟେମ୍‌ସ ନଦୀ ତଳେ ଆସିଲେ । ଆପଣ ଆଶ୍ଚର୍ଯ୍ୟ ହେବେ । ଏତେବଡ଼ ନଦୀ ଉପରେ ବହିଯାଉଛି । ରେଲଗାଡ଼ି ତା' ତଳେ ଚାଲିଛି !

ଲଣ୍ଡନ ସହର ଭିତରେ ବହି ଯାଉଥିବା ଟେମ୍‌ସ ନଦୀତଳେ ୧୮୬୦ ମସିହାରେ ପୃଥିବୀର ସର୍ବପ୍ରଥମ ଭୂଇଁତଳ ରେଲଗାଡ଼ି ଚାଲିଥିଲା । ତା' ପରେ ପରେ ଲଣ୍ଡନ ନଗରୀର ଚତୁର୍ଦ୍ଦିଗକୁ ଏହି ରେଲଗାଡ଼ି ସବୁ ଚାଲିଲା । ଏହି ଗାଡ଼ି ଖୁବ୍ ବେଗରେ ସୁଡ଼ଙ୍ଗ ମଧ୍ୟରେ ଏକ ମୁହାଁ ଗତିକରେ । ପ୍ରତି ୫/୧୦ ମିନିଟ୍ ଅନ୍ତରରେ ଏଇ ଗାଡ଼ିସବୁ ଚାଲେ । ତେଣୁ ବେଶୀ ସମୟ ଅପେକ୍ଷା କରିବାକୁ ପଡ଼େ ନାହିଁ ।

ଗୋଟିଏ ମଜାକଥା ହେଲା । ତୁମେ ଟିକେଟ୍ କିଣି ଗୋଟିଏ ଗେଟ୍ ମଧ୍ୟଦେଇ ଆଗକୁ ଗଲାବେଳେ କୌଣସି ବ୍ୟକ୍ତି ଚେକ୍ କରିବାକୁ ନଥିବେ । ମାତ୍ର ଖଣ୍ଡିଏ ସାମାନ୍ୟ ଲୁହାରଡ଼ ତୁମର ବାଟ ବନ୍ଦ କରିଦେଇପାରେ ।

ଟିକେଟ୍‌ଟି କିଣି ସେଇ ଗେଟ୍‌ର ଗୋଟିଏ ନିର୍ଦ୍ଦିଷ୍ଟ କଣାରେ ପୂରାଇ ଦିଆଯାଏ, ଆଉପଟେ ତାହା ବାହାରି ପଡ଼େ । ସେଇ ରଡ଼ ଆପେ ଆପେ ବାଟ ଛାଡ଼ି ଦିଏ । ନଚେତ୍ ତୁମ ଆଗରେ ରଡ଼ଟି ବାଟ ବନ୍ଦ କରି ରହିଯିବ । ସେତିକରେ ତୁମ ଗତିରୋଧ !

Digitized by srujanika@gmail.com

ପୁଣି ଏଇ ଭୂଇଁତଳ ଷ୍ଟେସନ, ରାସ୍ତାଘାଟ, ଅଫିସ ପ୍ରଭୃତି ପାଖରେ ଛୋଟ ଛୋଟ ଇସ୍ପାତ ଆଲମିରା ବା ଫ୍ରିଜପରି ଯନ୍ତ୍ରମାନ ରହିଛି । ସେଥିରେ ଥାକ ଥାକ ହୋଇ ସିଗାରେଟ, ବିସ୍କୁଟ, ଚକୋଲେଟ ପ୍ରଭୃତି ରଖାଯାଇଛି । ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସେଇ ଯନ୍ତ୍ରଟିରେ ଗଳାଇ ଦେଲେ, ସେଇ ମୂଲ୍ୟର ପଦାର୍ଥଟି ଗୋଟିଏ ବାଟରେ ବାହାରିପଡ଼ିବ ।



(ମଣିଷ ନ ଥାଇ ଦୋକାନ)

ଏମିତିକି ଚା' କଫି ପ୍ରଭୃତି ପାନୀୟ ମଧ୍ୟ ଗୋଟିଏ ଲେଖା ଯନ୍ତ୍ରରେ ସଜଡ଼ା ହୋଇ ରହିଛି । ସେଠାରେ ପ୍ଲାଷ୍ଟିକ୍ ଗ୍ଲାସ ସବୁ ରଖାଯାଇଛି । ତୁମେ ଗ୍ଲାସଟିଏ ଆଣି ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବ । ଉଚିତ ମୂଲ୍ୟର ଅର୍ଥ ଯନ୍ତ୍ରଟି ଭିତରକୁ ଗଳାଇଦେବ । ପୁଣି ଚିନି ସହିତ କି ବିନା ଚିନିରେ କଫି କିମ୍ବା ଚା' ଖାଇବ ? ନିର୍ଦ୍ଦିଷ୍ଟ ସୁଇଚ୍ ଟିପଦେଲେ ତୁମ ଇଚ୍ଛା ଅନୁସାରେ ତାହା ବାହାରି ପଡ଼ିବ । ତାହା ଖୁବ୍ ଗରମ ଆଉ ତାର ସ୍ୱାଦ ମଧ୍ୟ ମନ୍ଦ ନହେଁ ।

Digitized by srujanika@gmail.com

ସେମିତ ଧର ତୁମେ ଗୋଟିଏ ଅଫିସକୁ ଗଲ । କିଛି କାମ ପାଇଁ ଦରଖାସ୍ତ କରିବାକୁ ହେବ । ଦରଖାସ୍ତ ସହିତ ଗୋଟାଏ ପାସ୍-ପୋର୍ଟ ସାଇଜ ଫଟୋ ଯୋଡ଼ିବା କଥା । କିନ୍ତୁ ତୁମ ପାଖରେ ଫଟୋ ନାହିଁ କି ପାଖରେ ମଧ୍ୟ ଫଟୋ ଦୋକାନ ନାହିଁ । ତେଣୁ ତୁମେ ଚିନ୍ତାରେ ପଡ଼ିଯିବ । କେଉଁଠି ଫଟୋ ଉଠାଇ ଆଉ ଦିନେ ଆସିବାକୁ ହେବ ।

ପାଖରେ ଫଟୋଉଠା ଘର ଅଛି । ସେଇ ଘର ଭିତରକୁ ଯାଅ, ତୁମେ ୨ ମିନିଟ୍‌ରେ ତୁମ ଫଟୋ ପାଇଯିବ ।

ତୁମେ ଅବାକ୍ ହେବ କ'ଣ ଅଙ୍କାରେ ଏହା କହୁଛି କି ? ସେଇ ଘର ଭିତରକୁ ପଶିଯାଇ ଦେଖିବ ସେ ଘରେ ଲୋକ ନାହାନ୍ତି । ଗୋଟିଏ ଦର୍ପଣଲଗା ଯନ୍ତ୍ରଟିଏ ରହିଛି । ତା ଆଗରେ ଚଉକିଟିଏ ପଡ଼ିଛି । ସେଇ ଯନ୍ତ୍ରରେ କେତେକ ନିର୍ଦ୍ଦେଶ ଲେଖାଯାଇଛି ।

ତାକୁ ପଢ଼ି ତୁମେ ସେଇ ଚଉକିରେ ବସିବ । ଯନ୍ତ୍ରର ଗୋଟିଏ କଣାରେ ଦଶପେନ୍‌ସ ଗଳାଇଦେଇ ଦର୍ପଣକୁ ଚାହିଁବ । ଚକ୍‌କିର ଆଲୁଅ ଆସିଯିବ । ୨ମିନିଟ୍ ଭିତରେ ତୁମର ଫଟୋ ୩ଟି ସେଇ ଯନ୍ତ୍ରରୁ ବାହାରି ପଡ଼ିବ । ଅବଶ୍ୟ ସେଇ ଫଟୋ ସେତେ ସଫା ହୋଇ ନପାରେ । ମାତ୍ର ସେ କାମ ଚଳିଯିବ ତ ?

ଟେଲିଫୋନ୍ ବାକ୍‌ସ ରାସ୍ତାକଡ଼ ଠାରୁ ଆରମ୍ଭ କରି ସିନେମାଘର ପର୍ଯ୍ୟନ୍ତ ସବୁ ସ୍ଥାନରେ ରହିଛି । ଦୁଇପେନ୍‌ସ ବା ପାଞ୍ଚ ପେନ୍‌ସର ମୁଦ୍ରାଟିଏ ଟେଲିଫୋନ୍ ଯନ୍ତ୍ରଟିରେ ପୂରାଇ ଦେଇ ନିର୍ଦ୍ଦିଷ୍ଟ ନମ୍ବର ଡାଏଲିଙ୍ଗ କରିଦେଲେ କ୍ରିଂ କ୍ରିଂ ଶବ୍ଦ

Digitized by srujanika@gmail.com

ଶୁଣିବାକୁ ହୁଏ । ତା'ପରେ ତୁମେ ତୁମ ଲୋକ ସହ କଥାବାର୍ତ୍ତା କରିପାରିବ ।



(ଅପରେଟର ନଥାଇ ଫୋନ୍)

ଦୂରସ୍ଥାନ ହୋଇଥିଲେ ଦଶପେନ୍‌ସ ଆରମ୍ଭରୁ ପକାଇବାକୁ ହୁଏ । ନଚେତ୍ କଥାବାର୍ତ୍ତା ମଝିରେ ଏମିତ ଗୋଟିଏ ଶବ୍ଦ ଶୁଣାଯିବ, ଯେଉଁଥିରେ ତୁମ କଥାବାର୍ତ୍ତା ପରସ୍ପରକୁ ଶୁଣାଯିବ ନାହିଁ । ତୁମଙ୍କୁ ଦୁଇପେନ୍‌ସ କମ୍ବା ୫ ପେନ୍‌ସ ମୁଦ୍ରା ପକାଇବାକୁ ହୁଏ । ତେଣୁ ବେଶୀ ସମୟ କଥାବାର୍ତ୍ତା କରିବାକୁ ଥିଲେ ବିଶେଷତଃ ଦୂରସ୍ଥାନକୁ ଫୋନ୍ କରୁଥିଲେ, ହାତ ପାଖରେ ଦୁଇପେନ୍‌ସର ମୁଦ୍ରା କେତୋଟି ରଖିବା ଉଚିତ । ଯଦି କଥାବାର୍ତ୍ତା ମଝିରେ ଦେୟ ସରିଯାଏ, ଗୋଟିଏ କର୍କଶ ଶବ୍ଦ ଶୁଣାଯାଏ । ସେଇ ମୁଦ୍ରାରୁ ଗୋଟିଏ ପକାଇଦେଲେ ସବୁ ଠିକ୍ ଚାଲିଲା ।

ଥରେ ଥରେ କୋଇଲା ଖଣି ଶ୍ରମିକମାନଙ୍କ ଧର୍ମଘଟ ହୁଏ । ବେଶୀଦିନ ପାଇଁ ଚାଲିଲା ତ ବହୁ ଅସୁବିଧା; ତା ଫଳରେ

Digitized by srujanika@gmail.com

କୋଇଲା ଅଭାବରୁ ବିଜୁଳି ଉତ୍ପାଦନ କମିଲା । ବିଜୁଳିଶକ୍ତିର ଅଭାବରୁ କଳକାରଖାନା ଏମିତିକି ଘର ଆଉ ହୋଟେଲକୁ ମଧ୍ୟ ବିଜୁଳି ଶକ୍ତି ଯୋଗାଣରେ ନିୟନ୍ତ୍ରଣ କରାଗଲା ।

କମ୍ ସମୟ ପାଇଁ ବିଜୁଳି ଯୋଗାଣ ହେବାରୁ ଡାଏରୀ ଫାର୍ମରେ ଗାଈସବୁ ଦୁହାଁ ହୋଇପାରନ୍ତି ନାହିଁ । କାରଣ ବଡ଼ବଡ଼ ଡାଏରୀ ଫାର୍ମରେ ବିଜୁଳି ଚାଳିତ ଯନ୍ତ୍ରରେ ଗାଈସବୁ ଦୁହାଁଯାଏ । ସେମିତି କୁକୁଡ଼ା ଫାର୍ମରେ କୁକୁଡ଼ାମାନଙ୍କ ଅଣ୍ଡାଦେବାରେ ଆଉ ଛୁଆ ଫୁଟିବାରେ ଅସୁବିଧା ହୁଏ । କାରଣ ସବୁ ତ ଯନ୍ତ୍ରରେ ହୁଏ ।

(ରାସ୍ତା କଡ଼ରେ ଗାଡ଼ିସବୁ ରହିବାପାଇଁ ଭିଡ଼)

ରାସ୍ତାକଡ଼ରେ ଗାଡ଼ିସବୁ ଧାଡ଼ିଧାଡ଼ି ହୋଇ ଠିଆହୋଇଥାଏ । ଏମିତିକି ବହୁ ସମୟ ପାଇଁ ଗାଡ଼ି ରହିଥିବାର ଦେଖାଯାଏ । କାରଣ ସେଠାରେ ବିଶେଷତଃ ବଡ଼ବଡ଼ ସହରଗୁଡ଼ିକରେ ଗାଡ଼ି ରଖିବା

Digitized by srujanika@gmail.com

ପାଇଁ ସ୍ଥାନାଭାବ । କିନ୍ତୁ ସେଥିପାଇଁ ଗାଡ଼ିମାଲିକମାନଙ୍କୁ ଭଡ଼ା ଦେବାକୁ ପଡ଼େ । ତା ପୁଣି ଘଣ୍ଟା କଣ୍ଟାକୁ ଗୃହିଁ ପଡ଼ିଥାଏ ।

ରାସ୍ତାକଡ଼ରେ ମିଟର ସବୁ ଲଗାଯାଇଥାଏ । ଗାଡ଼ିସବୁ ତା ପାଖରେ ଠିଆହୁଏ । ସେଥିରେ ନିର୍ଦ୍ଦିଷ୍ଟ ସମୟପାଇଁ ଭଡ଼ା ନିର୍ଦ୍ଦିଷ୍ଟ ହୋଇଥାଏ । ସେତକ ଗୋଟିଏ ବାକ୍‌ସରେ ପକାଇବାକୁ ହୁଏ । ଯଦି ଉକ୍ତ ନିର୍ଦ୍ଦିଷ୍ଟ ଅର୍ଥ ପାଇଁ ଥିବା ସମୟ ଗତ ହୋଇଯାଏ, ଅଥବା ଅର୍ଥ ପଡ଼ିନଥାଏ, ଏଥିପାଇଁ ଥିବା କର୍ମଚାରୀ ଆସି ଗାଡ଼ି ନମ୍ବର ଟିପିନେବେ । ତାପରେ ଗାଡ଼ି ମାଲିକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଓ ଜୋରିମାନା ଦାଖଲ କରିବାପାଇଁ ଆଦେଶ ପାଇବେ ।

ତାକୁ ନମାନିଲେ ମାଲିମକଦ୍ଦମା ଆରମ୍ଭ ହୋଇଯାଏ । ସାଧାରଣତଃ ଗାଡ଼ି ମାଲିକମାନେ ଆବଶ୍ୟକ ପରିମାଣରେ ଭଡ଼ା ମିଟର ବାକ୍‌ସରେ ପକାଇ ଦେଇଥାନ୍ତି । ଯଦି କୌଣସି ଅସୁବିଧା-ବଶତଃ ଭଡ଼ା ଦେଇପାରି ନଥାନ୍ତି, ସେ ଜୋରିମାନା ସହିତ ଅଧିକ ଭଡ଼ା ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ ।

ଏହା ବ୍ୟତୀତ କୃଷି, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ବିରାଟ ବିରାଟ ଯନ୍ତ୍ରର ପ୍ରୟୋଗ ଦେଖିଲେ, ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଉଦାହରଣସ୍ୱରୂପ, ଛାପା କଳ ବା ଲୁଗା ବୁଣା କାମରେ ଯେଉଁ ଉନ୍ନତି ଘଟିଛି, ତାହା ସାଧାରଣ ମନୁଷ୍ୟର କଳ୍ପନାର ବାହାରେ । ମୁହୂର୍ତ୍ତକ ମଧ୍ୟରେ ଯନ୍ତ୍ର ସାହାଯ୍ୟରେ ଯେଉଁ ବହୁ ବର୍ଣ୍ଣ, ବହୁ ଆକାର ପ୍ରକାରର ଜିନିଷଗୁଡ଼ିକ ରୂପ ନେଇଥାଏ, ସେ ସବୁ ଦେଖିଲେ ଅବାକ୍ ହେବାକୁ ପଡ଼େ । ମନୁଷ୍ୟର ବୁଦ୍ଧି ଓ ବିଜ୍ଞାନର ଯାଦୁକରୀ ଶକ୍ତିକୁ ଧନ୍ୟ ଧନ୍ୟ କରିବାକୁ ହୁଏ ।

Digitized by srujanika@gmail.com

ଉନ୍ନତ ଦେଶଗୁଡ଼ିକରେ ଏମିତ ସବୁଠି ଯନ୍ତ୍ରର ରାଜୁତି । ଜୀବନକୁ ସୁଖମୟ କରିବାକୁ ଯନ୍ତ୍ରର ସାହାଯ୍ୟ ନିଆଯାଏ । ମନୁଷ୍ୟର କଷ୍ଟକୁ କମାଇଥାଏ । ପରିଶ୍ରମକୁ ଲଘବ କରିଥାଏ । ଜୀବନକୁ ସୁଖଶାନ୍ତି ପୂର୍ଣ୍ଣ କରି ତୋଳିଥାଏ ।

(ଟ୍ରାକ୍ଟରରେ ଜମିଚାଷ)

ଏବେ ସେ ସବୁ ଆଗୁଆ ଦେଶଗୁଡ଼ିକର ଲୋକେ ବୁଝିବାକୁ ଆରମ୍ଭ କଲେଣି ଯେ ଯନ୍ତ୍ରକୁ ଠିକରି ଭଲ ଖଟାଇବାକୁ ହେବ । ନହେଲେ ଯନ୍ତ୍ର ମାଲିକ ହୋଇଯିବ । ଆମ ଜୀବନ ଶୁଷ୍କ ଓ ନୀରସ ହୋଇପଡ଼ିବ । ଆମ ସଭ୍ୟତାରେ ଥିବା ଶିରୀଟିକ ଛପିଯିବ । ଜୀବନର ସବୁ ଶାନ୍ତି ଲୁଚିଯିବ ।

—o—

Digitized by srujanika@gmail.com

ପଥର କହେ ପୃଥିବୀ କଥା

ପ୍ରକୃତ ଗୋଟିଏ ବିରାଟ ଗପବହି । ତାର ପ୍ରତି ପୃଷ୍ଠାରେ ରହିଛି ଅତୀତର କାହାଣୀ । ପୃଥିବୀର ଜନ୍ମ, ତାର ଆଦିମ ଜଳବାୟୁ, ଜୀବଜନ୍ତୁ, ବୃକ୍ଷଲତା ସବୁକିଛି ସତେ ଯେମିତି ଏହି ବହିରେ ଲେଖାଯାଇଛି ! ଏହି ବହି ପଢ଼ିବାପାଇଁ ମଣିଷର ବିଶେଷ ଦକ୍ଷତା ଓ କୌଶଳ ଆବଶ୍ୟକ । କେତେକ ଜ୍ଞାନୀଲୋକ ଏହା ପଢ଼ି ପୃଥିବୀର ଇତିହାସ ଲେଖିଯାଇଛନ୍ତି । କିନ୍ତୁ ଆଜିସୁଦ୍ଧା ଏହି ଲେଖା ସରି ନାହିଁ କିମ୍ବା ଏହି ଜ୍ଞାନ ସମ୍ପୂର୍ଣ୍ଣ ହୋଇ ନାହିଁ ।

(ନଈକୂଳରେ ପଥର ଓ ବାଲିଗରଡ଼ା)

ପ୍ରକୃତିର ଗପବହିର ଅକ୍ଷରଗୁଡ଼ିକ ହେଲା ପଥର । ଏହି ପଥର ହେଉଛି ଯୁଗଯୁଗର ମୂକସାକ୍ଷୀ । ଏଥିରେ ଲେଖାଯାଇଛି

Digitized by srujanika@gmail.com

ପୃଥିବୀର ପ୍ରତ୍ୟେକ କାହାଣୀ । କୋଟି କୋଟି ବର୍ଷ ମଧ୍ୟରେ କେତେ ଯେ ପରିବର୍ତ୍ତନ ଘଟିଛି, ତାର କଳନା ନାହିଁ । ଆଜ ଯେଉଁଠି ପାହାଡ଼ ଠିଆ ସେଠି କୋଟି କୋଟି ବର୍ଷ ତଳେ ଥିଲା ସମୁଦ୍ରର ଅତଳ ଗର୍ଭ ? ଏବେ ଯେଉଁଠି ସାଗରର ଲହରୀମାଳା, ହୁଏତ ଲକ୍ଷ ଲକ୍ଷ ବର୍ଷ ତଳେ ସେଠି ଥିଲା ଜନାକୀର୍ଣ୍ଣ ସହର । ଆଜ ଯେଉଁଠି ଶ୍ୟାମଳ ଶସ୍ୟକ୍ଷେତ୍ର ହଜାର ହଜାର ବର୍ଷ ତଳେ ସେଠି ଥିଲା ଘନ ଜଙ୍ଗଲ !!

ବାୟୁର ଗତି, ଜଳସ୍ରୋତ, ବର୍ଷାପାତ, ସୂର୍ଯ୍ୟକିରଣ ପ୍ରଭୃତି ବିଭିନ୍ନ କାରଣରୁ ଏହିସବୁ ପରିବର୍ତ୍ତନ ହୋଇଚାଲିଛି । ଏହି ପରିବର୍ତ୍ତନ ସର୍ବଦା ଓ ସର୍ବତ୍ର ଚାଲିଛି । କେଉଁଠି ହୁଏତ କମ, କେଉଁଠି ବେଶୀ । ଯେଉଁଠି ଏହି ପରିବର୍ତ୍ତନ ଖୁବ୍ ଅଧିକ, ସେଠି ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ବିଭିନ୍ନପ୍ରକାର ସମସ୍ୟା ବି ସୃଷ୍ଟି ହୁଏ । ଏହା ବାତ୍ୟା, ବନ୍ୟା, ଝଡ଼, ମରୁଡ଼ି, ଭୂମିକମ୍ପ ଆଦି ନାମରେ ପରିଚିତ । ଏଥିଯୋଗୁଁ ବହୁ ଧନ ଜୀବନ ତ ନଷ୍ଟ ହୁଏ, ତା ସଙ୍ଗେ ସଙ୍ଗେ ପୃଥିବୀର ଗଠନ, ଅବସ୍ଥା, ଜଳବାୟୁରେ ମଧ୍ୟ ପରିବର୍ତ୍ତନ ଘଟେ ।

ପ୍ରତ୍ୟେକ ପଥର ପ୍ରକୃତି-ପୁସ୍ତକର ଗୋଟିଏ ପୃଷ୍ଠା । ଅତୀତର ରହସ୍ୟ ଉଦ୍‌ଘାଟନ କରିବାପାଇଁ ଗୋଟିଏ ଗୋଟିଏ ଚାବିକାଠି । ଏହି ପଥରସବୁ ବିଭିନ୍ନ ଆକାର ପ୍ରକାରର । ଏଗୁଡ଼ିକର ରୂପ ଗୁଣ ପରସ୍ପରଠାରୁ ଅଲଗା । ଏହି ପଥର ଗଠଣ

Digitized by srujanika@gmail.com

ହୋଇପାରେ, ନରମ ବ ହୋଇପାରେ ।ଏହା ଧଳା ହୋଇପାରେ, କଳା ବ ହୋଇପାରେ । ଖୁବ୍ ଛୋଟ ହୋଇପାରେ, ଖୁବ୍ ବଡ଼ ବ ହୋଇପାରେ ।

ନଦୀର ସୋ୍ତ ଓ ବର୍ଷା ଜଳରେ ମାଟି, ବାଲି, ଗୋଡ଼, ଜୀବଜନ୍ତୁ ପ୍ରଭୃତ ଭ୍ରସିଯାନ୍ତି । ସେଗୁଡ଼ିକ ସମୁଦ୍ର ଗର୍ଭରେ ସ୍ତର ସ୍ତର ହୋଇ ବର୍ଷ ବର୍ଷ ଧର ଜମିରହେ । ଏହା ଉପରେ ଜଳ ଓ ବାୟୁର ଚ୍ପ ପଡ଼େ । କ୍ରମେ ଅଧିକରୁ ଅଧିକ ଚ୍ପ ଫଳରେ ଏହା ଶକ୍ତ ହୁଏ, ପଥର ହୋଇଯାଏ । ଏହ ପଟ୍ଟରେ ଥିବା ଚୂନ ଅଂଶ ସିମେଣ୍ଟ ପର କାମ କରେ । ଏହାକୁ ସ୍ତରୀଭୂତ ପଥର କୁହାଯାଏ ।

ଯଦ ଏହ ପଟ୍ଟରେ ବେଶୀ ବାଲି ଥାଏ, ବାଲୁକାପଥର ତଆର ହୋଇଥାଏ । ଏଥିରେ ମାଟିକାଦୁଅ ଅଧିକ ଥିଲେ ପଙ୍କପଥର ହୋଇଥାଏ । ଏଥିରେ ଗୋଡ଼ କଙ୍କର ବେଶୀ ଥିଲେ ଏହାକୁ ଗଦାପଥର କୁହାଯାଏ । ଏହ ସ୍ତରୀଭୂତ ପଥରରେ ବହୁ ଜୀବଜନ୍ତୁଙ୍କର ହାଡ଼ ଓ ଖୋଳପା ମଧ୍ୟ ଦେଖାଯାଏ । ଗେଣ୍ଡା, ଶଙ୍ଖ, ଶାମୁକା ପ୍ରଭୃତ ସମୁଦ୍ର ପାଣିରେ ରହୁଥିବା ଜୀବଗୁଡ଼ିକ ମରିଗଲେ ସେମାନଙ୍କ ଦେହର ଟାଣ ଖୋଳଗୁଡ଼ିକ ସମୁଦ୍ର ତଳେ ଜମିରହେ । ପାଣି ଚ୍ପରେ ଶହ ଶହ ବର୍ଷ ପରେ ସେସବୁ ପଥର ପର ଟାଣ ହୋଇଯାଏ । ଏହାକୁ ଆମେ ଚୂନପଥର କହୁ ।

Digitized by srujanika@gmail.com

ସମୁଦ୍ର ପାଣିରେ ଏକାଠି ରହୁଥିବା ଏକପ୍ରକାର ପୋକ ଯୋଗୁଁ ପ୍ରବାଳପଥର ତିଆରି ହୁଏ । ସମୁଦ୍ର ପାଣି ତଳେ ଗଛଲତା

(ପ୍ରବାଳ ପାହାଡ଼)

ବା ମାଟି ଉପରେ ଥିବା ଜଙ୍ଗଲ ଭୂମିକମ୍ପରେ ତଳକୁ ଦବିଗଲେ, ତାହା ହଜାର ହଜାର ବର୍ଷ ଧରି ଚାପ ଓ ଉତ୍ତାପ ପାଇ କୋଇଲା ପାଲଟିଯାଏ । ଏହା ବି ଏକପ୍ରକାର ସ୍ତରୀଭୂତ ପଥର । ସବୁ କୋଇଲା ମଧ୍ୟ କଳା ନୁହେଁ । କେତେକ ଦେଖିବାକୁ ଧୂସର ରଙ୍ଗ ।

ପରିବର୍ତ୍ତନ ତ ପ୍ରକୃତିର ନିୟମ ତେଣୁ ଏହିସବୁ ପଥର ଭୂଇଁତଳର ଚାପ ଓ ଉତ୍ତାପ ପାଇ ପୁଣି ପରିବର୍ତ୍ତିତ ହୁଏ । ପଙ୍କପଥର ସ୍ଲେଟରେ ପରିଣତ ହୁଏ । ଚୂନପଥର ମାର୍ବଲ ବା ଶଙ୍ଖମଲମଲ ପଥର ହୁଏ । ମାଟି ଭିତର ତରଳ ଲାଭା ବାହାରକୁ ଆସି ଘନୀଭୂତ ହୁଏ ଏବଂ କାଳକ୍ରମେ କଳାମୁଗୁନି ପଥର ରୂପନିଏ । ଯେଉଁ ଲାଭା ଭୂଇଁ ତଳେ ରହିଯାଏ, ତାହା ଧଳା, କଳା ଓ ନାଲି ରଙ୍ଗର ଗ୍ରାନାଇଟ୍ ହୁଏ । ବାଲିପଥର

Digitized by srujanika@gmail.com

ମଜବୁତ କ୍ୱାର୍ଜାଇଟ୍‌ରେ ପରିଣତ ହୁଏ । ଗଦାପଥର ସିଷ୍ଟ ଓ ଗ୍ରାନାଇଟ୍‌ନିସ ପରି ଟାଣୁଆ ପଥରରେ ରୂପାନ୍ତରିତ ହୁଏ । ସେମିତି ଧୂସର ରଙ୍ଗର କୋଇଲା କଳା ମଚମଚ ପଥରକୋଇଲାରେ ପରିଣତ ହୁଏ । ଏମିତି କାଳକ୍ରମେ ପରିବର୍ତ୍ତିତ ହେଉଥିବା ପଥର ଅଧିକ କଠିନ ଓ ସୁନ୍ଦର ହୁଏ ।

(ପଥରରେ ଜୀବାଶ୍ମ ଓ ଗଛଲତାର ଚିହ୍ନ)

ଏଇସବୁ ପଥର ପୃଥିବୀ ଇତିହାସର ଗୋଟିଏ ଗୋଟିଏ ଅଧ୍ୟାୟ । ଏହାର ଗୋଟିଏ ବାଲିକଣାକୁ ସେହି ପୃଷ୍ଠାର ଗୋଟିଏ ଶବ୍ଦ ଓ ବାଲିଗରଡ଼ାକୁ ବାକ୍ୟଟିଏ ବୋଲି କହିଲେ ଭୁଲ ହେବ ନାହିଁ । ସ୍ତରୀଭୂତ ପଥର ଅତୀତର ଗୋଟିଏ ନଦୀ, ହ୍ରଦ ବା ସମୁଦ୍ରର ସୂଚନା ଦିଏ । ଚୂନ ପଥର ଗୋଟିଏ ସମୁଦ୍ରର ସନ୍ଧାନ ଦିଏ । କଳାମୁଗୁନି ପଥର ବହୁ ବର୍ଷ ତଳେ ଘଟିଥିବା ଆଗ୍ନେୟ ଉଦ୍‌ଗୀରଣର ବାର୍ତ୍ତା ଦିଏ ।

Digitized by srujanika@gmail.com

ଥରେ ଥରେ ଗୋଟିଏ ପଥରକୁ ଭାଙ୍ଗି ଦେଲେ ଭିତରେ ମୃତ ଜୀବ ବା ଶୁଷ୍କ ଫଳ ଓ ପତ୍ରର ଚିହ୍ନ ଦେଖାଯାଏ । ଏହାକୁ ଜୀବାଶ୍ମ କୁହାଯାଏ । ଏହାକୁ ଦେଖି ଏହି ଜୀବ ଜଳଚର କି ସ୍ଥଳଚର ଏବଂ ସେହି ଡାଳପତ୍ର ସ୍ଥଳରେ ବା ଜଳରେ ଥିବା ଗଛରୁ ଜାଣିହୁଏ । ସେଇ ଜ୍ଞାନକୁ ନେଇ ବୈଜ୍ଞାନିକମାନେ ଉକ୍ତ ସ୍ଥାନର ଅତୀତ ଅବସ୍ଥା ନିରୂପଣ କରନ୍ତି । ସେହି ସ୍ଥାନରେ ଲବଣାକ୍ତ ସମୁଦ୍ର କି ମଧୁରଜଳପୂର୍ଣ୍ଣ ହ୍ରଦ କିମ୍ବା ପୁଷ୍କରିଣୀ ଥିଲା ଜଣାପଡ଼େ ।

ଖଣ୍ଡେ ପଥରକୋଇଲା କହିଦିଏ ବହୁବର୍ଷ ତଳେ ସେଠାରେ ଘନ ଜଙ୍ଗଲ ଥିଲା ନାଁ ବୁଦୁବୁଦୁକିଆ ଜଙ୍ଗଲ ଥିଲା । ସ୍ତରୀଭୂତ ପଥରରେ ଥିବା ବାଲିଗରଡ଼ା ଓ ଚିକ୍କଣ ପଥର ପ୍ରାଚୀନ ନଦୀ ବା ଜଳସ୍ରୋତର କାହାଣୀ କହେ !

(କୋଇଲା ଖଣି ଓ ଖଣ୍ଡ ପଥର)

ଯେମିତ ଉଚ୍ଚ ପାହାଡ଼ ଉପରେ ବରଫ ବିଛେଇ ହୋଇଥାଏ । କ୍ରମେ ଏହା ଅଧିକରୁ ଅଧିକ ବହଳ ହୁଏ । ସେହି ବରଫ ଥରେ ଥରେ ସ୍ରୋତ ଆକାରରେ ଧୀରେ

Digitized by srujanika@gmail.com

ଧୀରେ ବହି ଚାଲେ । ପାହାଡ଼ର ପାଦଦେଶ ଆଉ ତାର ଉପତ୍ୟକାରେ ବରଫସ୍ରୋତ ବହିଯାଏ । ଏହି ସ୍ରୋତର ପଥର ପାହାଡ଼ିଆ ବାଟ ବା ଭୂମିକୁ ଘଷି ଘଷି ଚିକ୍କଣ କରିଦିଏ । ବଡ଼ ବଡ଼ ପଥର ଭାଙ୍ଗି ନିଜ ସାଥିରେ ବୁହାଇ ନିଏ । ବରଫସ୍ରୋତର ଏହି ପଥରଖଣ୍ଡ ବାଲିକାଗଜ ବା ରଞ୍ଜା ପରି କାମ କରେ । ଭୂଇଁ ଉପରେ ତାର ଚିହ୍ନ ରହିଯାଏ । ଯେତେବେଳେ ସେହି ସ୍ଥାନର ଜଳବାୟୁ ଉତ୍ତପ୍ତ ହୁଏ, ସେତେବେଳେ ବରଫ ସ୍ରୋତ ତରଳିଯାଏ । ନଦୀ ଝରଣା ରୂପରେ ଜଳଧାର ବହିଚାଲେ । ସାଧାରଣତଃ ବରଫସ୍ରୋତରେ ଥିବା ପଥରଗୁଡ଼ିକ କୋଣାକାର । ନଦୀ ସ୍ରୋତରେ ବହି ଆସୁଥିବା ପଥର ପରି ଏହା ଚିକ୍କଣ ହୁଏ ନାହିଁ । ଭୂଇଁରେ ଏହିସବୁ ଚିହ୍ନ, କୋଣାକାର ପଥର, ବାଲିଗରଡ଼ା ପ୍ରଭୃତି ପ୍ରାଚୀନ ବରଫସ୍ରୋତର ସୂଚନା ଦିଏ ।

ହିମାଳୟର ପାଦଦେଶ ତଥା ଉତ୍ତର ଭାରତର ଭୂଇଁ ଓ ପଥର ପରୀକ୍ଷା କରି ପଣ୍ଡିତମାନେ କହନ୍ତି ଯେ । ଲକ୍ଷ ଲକ୍ଷ ବର୍ଷତଳେ ଏଠାରେ ବିରାଟ ସମୁଦ୍ରଟିଏ ଥିଲା । ଭାରତର ବାକି ଅଂଶ, ଆଫ୍ରିକା, ଅଷ୍ଟ୍ରେଲିଆ ପ୍ରଭୃତିକୁ ନେଇ ବିରାଟ "ଗଣ୍ଡଓ୍ୱାନାଲ୍ୟାଣ୍ଡ" ଭୂଖଣ୍ଡ ଥିଲା । ହଜାର ହଜାର ବର୍ଷ ପୂର୍ବେ ଭାରତର ମଧ୍ୟଭାଗରେ ବିଶେଷତଃ ରାଜସ୍ଥାନ ଅଞ୍ଚଳରେ ବହୁ ଆଗ୍ନେୟଗିରି ଥିଲା । ଏବେ ସେଠାରେ ଏଗୁଡ଼ିକ ଆଉ ଉଦ୍‌ଗୀରଣ ହେଉ ନାହିଁ । ସେହିପରି ଆଜି ଯେଉଁଠି ବିନ୍ଧ୍ୟ ପର୍ବତ ଅଛି, ଆଗେ ସେଠାରେ ଥିଲା ଏକ ଗଭୀର ସମୁଦ୍ର । ଦକ୍ଷିଣ ଭାରତ ସହିତ ଆଜିର ବର୍ମା ଓ ଶ୍ରୀଲଙ୍କା ମଧ୍ୟ ସଂଯୁକ୍ତ ଥିଲା ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।

Digitized by srujanika@gmail.com

ପ୍ରକୃତିର ବିରାଟ ଗର୍ଭରୁ ପୃଥିବୀର ଜନ୍ମକଥା ଓ ଜୀବନ ଇତିହାସ ଜଣାଯାଏ । ମାତ୍ର ତାହା କୋଟି କୋଟି ବର୍ଷ ତଳର ହୋଇଥିବାରୁ ସେହି ପୃଷ୍ଠାଗୁଡ଼ିକ ଜୀର୍ଣ୍ଣଶୀର୍ଣ୍ଣ

(ଧୋଇ ଯାଇଥିବା ଚୂନ ପଥର)

(ଭୂଇଁର କ୍ଷୟ ଅବସ୍ଥା)

ହୋଇଯାଇଛି । କିନ୍ତୁ ପ୍ରତିକୂଳ ଜଳବାୟୁର ସବୁ ଅତ୍ୟାଚାର ସତ୍ତ୍ୱେ ପଥରଗୁଡ଼ିକ ସେହି ସୁଦୂର ଅତୀତର ମୂକସାକ୍ଷୀ ଭାବରେ ବଞ୍ଚି ରହିଛି । ମଣିଷ ଧୈର୍ଯ୍ୟ, ଅଧ୍ୟବସାୟ, ଜ୍ଞାନ ଓ କୌଶଳ ବଳରେ ପଥରଗୁଡ଼ିକୁ କଥା କୁହାଇ ପାରିଛି । ସେହି କଥା ହିଁ ପୃଥିବୀର କଥା, ତାର ଇତିହାସର କଥା । ସେହି କଥା ହିଁ ମଣିଷର କଥା, ତାର ଜୀବନ ଓ ସଂସ୍କୃତିର କଥା ।

— ୦ —

Digitized by srujanika@gmail.com

ରେଳଗାଡ଼ିର ଜନ୍ମକଥା

ମିଣ୍ଟୁ ଦ୍ୱିତୀୟ ଶ୍ରେଣୀରେ ପାଠପଢ଼େ । "ମୋ ପାଠ ବହି"ଟି ତା'ର ଭାରି ଆଦରର । ସେଥିରେ ଥିବା ଗୋଟିଏ ଗୀତ ତାକୁ ଖୁବ୍ ଭଲ ଲାଗେ । ସେ ଗୀତଟି ହେଉଛି "ପାଣି ଖେଳୁଛି ଦୋଳି" ।

ବରଷକେ ମାତ୍ର ଥରେ ରଜ ଆସେ । ସେତେବେଳେ ସେ ଦୋଳିରେ ଖେଳି ମଉଜ କରେ । ହେଲେ ପାଣି ସବୁବେଳେ, ଏଇ ମାଟିମାଆ ଆଉ ଆକାଶ ଭିତରେ ଦୋଳି ଖେଳେ । କେତେ ମଜା ସତେ ?

(ରଜ ଦୋଳିଖେଳର ଦୃଶ୍ୟ)

ମିଣ୍ଟୁ ବଡ଼ପାଟିରେ ବୋଲେ—

"ଦୋଳି ଖେଳଇ ପାଣିରେ ଭାଇ
ଦୋଳି ଖେଳଇ ପାଣି,
ତଳୁ ଉପର, ଉପରୁ ତଳ
ଦେଖାଇ କେତେ ଠାଣି ।

Digitized by srujanika@gmail.com

ଖରା ତେଜରେ ଦଉଆ ବୁଲେ
ଯାଏ ସେ ଆଗ ତାତ,
ବାଷ୍ପ ହୋଇ ଶୂନ୍ୟେ ଉଠେ
ପବନ ସାଥେ ମାତ ।

× × × ×

ତଳୁ ଉପର, ଉପରୁ ତଳ
ହେଉଛି କେତେ ପାଣି ।
ବାଷ୍ପ କେବେ, ବର୍ଷା କେବେ,
ଦେଖାଏ କେତେ ଠାଣି ।

ମିଣ୍ଟୁ କେତେକଥା ଭାବିଯାଏ । ଗୁରୁଜୀ ଯାହା କହିଥିଲେ ମନେପଡ଼େ । ଝାଞ୍ଜି ଝାଞ୍ଜି ଖରା ତାତରେ ସମୁଦ୍ର, ପୋଖରୀ, ନଈନାଳରୁ ପାଣି ବାଷ୍ପ ଆକାରରେ ଉପରକୁ ଉଠେ । ଆକାଶ ଛାତରେ ମେଘ ହୋଇ ଖେଳି ବୁଲେ । ହେମାଳ ପବନ ବାଜଲେ ସେଥିରୁ ଟୋପା ଟୋପା ପାଣି ଶୁଖିଲା ଶୋଷିଲା ମାଟି ମାଆର ଉପରେ ଝରିପଡ଼େ । ଶାଗୁଆ ସୁନ୍ଦର ଗଛଲତାରେ ମାଟି ମାଆ ହସି ଉଠେ ।

ଥରେ ମିଣ୍ଟୁର ମାମୁଁ ତାଙ୍କ ଘରକୁ ଆସିଥିଲେ । ସେ ରେଲବାଇରେ କାମ କରନ୍ତି । ବାପେ ମାମୁଁ ତାଙ୍କର କାମଦାମ ଆଉ ରେଲବାଇ ବିଷୟରେ କଥାବାର୍ତ୍ତା କରୁଛନ୍ତି । ଏଇ ସମୟରେ ମିଣ୍ଟୁ ପଚାରିଲା—ମାମୁଁ ରେଲଗାଡ଼ି କିମିତି ଏତେ ଜୋର୍‌ରେ ଚାଲେ ?

Digitized by srujanika@gmail.com

ମାମୁଁ କହିଲେ—ରେଲଗାଡ଼ି ପରା ଇଞ୍ଜିନ୍ ଦ୍ୱାରା ଚାଲେ । ଏଇ ଇଞ୍ଜିନ୍‌ରେ ବାଷ୍ପ ତିଆରି ହୋଇ ଗାଡ଼ିକୁ ଟାଣିନିଏ ।

(ମାମୁଁ ଭଣଜାଙ୍କ କଥାବାର୍ତ୍ତା)

ମିଣ୍ଟୁର ପଢ଼ାକଥା ମନେପଡ଼ିଲା । ରେଲଗାଡ଼ିରେ ପୁଣି ବାଷ୍ପ । ସେ ହଠାତ୍ ପଚାରି ପକାଇଲା– ମାମୁଁ, ମୁଁ ତ ଶୁଣିଥିଲି, ବାଷ୍ପସବୁ ଆକାଶ ପବନରେ ଉଡ଼ିବୁଲେ । ଆଉ ରେଲଗାଡ଼ିରେ ବାଷ୍ପ କୁଆଡ଼ୁ ଆସିଲା ?

ମାମୁଁ କହିଲେ—କୋଇଲା ଓ ପାଣି ହେଉଛି ରେଲଗାଡ଼ିର ଖାଦ୍ୟ ଓ ପାନୀୟ । କୋଇଲା ଆଞ୍ଚରେ ପାଣି ତାତିଲେ ବାମ୍ଫ ବାହାରେ ।

ମିଣ୍ଟୁ ପଚାରିଲା—ଏଇ ବାମ୍ଫରେ ପୁଣି ଏତେବଡ଼ ରେଲଗାଡ଼ି ଚାଲେ କିପରି ? ବାମ୍ଫର ପୁଣି ଏତେ ବଳ ?

ମାମୁଁ କହିଲେ—ଠିକ୍ କଥା ପଚାରୁଛୁ । ଏଇ କଥାକୁ ନେଇ ଭଲ କଥାଟିଏ ଅଛି । କହୁଛି, ଶୁଣ୍ ।

Digitized by srujanika@gmail.com

ଆଜକୁ ପ୍ରାୟ ଦୁଇଶହ ବର୍ଷ ତଳର କଥା । ବଲାତରେ ଥରେ ଗୋଟିଏ ପିଲା ଚୁଲି ପାଖରେ ବସିଥିଲା । ଚୁଲି ଉପରେ ଥିଲା ଗୋଟିଏ ଚା’ କେଟିଲ । ପିଲାଟି ଦେଖିଲା କେଟିଲ ଭିତରୁ ଘୋଡ଼ଣୀଟିକୁ ଠେଲି ଭୁସ୍‌ଭୁସ୍ ହୋଇ ବାମ୍ଫ ବାହାରିଯାଉଛି । ଧୂଆଁ ପରି ବାମ୍ଫତକ ଦିଶୁଚି, ଆଉ କେଟିଲର ଘୋଡ଼ଣୀଟି ବି ଧଡ଼ ଧଡ଼ ହେଉଛି । ପିଲାଟିର ମନରେ ବଡ଼ କୌତୂହଳ ଜାତ ହେଲା । କିଏ ଘୋଡ଼ଣୀଟାକୁ ଏମିତି କରୁଛି ? କେଟିଲି ଭିତରେ କିଏ ଅଛି ନା କ’ଣ ?



(ଚୁଲି ଉପରେ କେଟିଲରୁ ବାମ୍ଫ ବାହାରୁଥିବା ଦୃଶ୍ୟ)

ପିଲାଟି ନିରେଖି ଦେଖିଲା ବାମ୍ଫ ବଳରେ ଘୋଡ଼ଣୀଟା ଏମିତି ଧଡ଼ଧଡ଼ ହେଉଛି । ସେ ଖଣ୍ଡିଏ କାଠିରେ ଘୋଡ଼ଣୀଟାକୁ ଚପି ଧରିଲା । କି ଆଶ୍ଚର୍ଯ୍ୟର କଥା ! ତା’ ଗ୍ଲେଞ୍ଚ ହାତକୁ ଦୋହଲାଇ ଘୋଡ଼ଣୀ କଡ଼ରୁ ବାମ୍ଫ ପୁଣି ବାହାରିପଡ଼ିଲା ।

ସେ ଯେତେ ଜୋର୍‌ରେ ଘୋଡ଼ଣୀଟିକୁ ଚିପିଲା, ସେତେ ଜୋର୍‌ରେ ତା ହାତ ଥରିଗଲା । ପିଲାଟି ବୁଝିଲା ବାମ୍ଫର ବଳ

Digitized by srujanika@gmail.com

ଯୋଗୁ ଏମିତ ହେଉଛି । ଯଦି ଏହାକୁ କୌଣସି କାମରେ ଲଗାଇ ହୁଅନ୍ତା, ତେବେ ଧୁବ ଭଲ ହୁଅନ୍ତା !

ଏହି ପିଲାଟିର ନାଁ ଜେମ୍‌ସ ଓଆଟ୍ । ସେ ବଡ଼ ହୋଇ ନାନାପ୍ରକାର ଯନ୍ତ୍ରପାତି ମରାମତି କରିବାରେ ମନ ଦେଇଥିଲେ । ବାଷ୍ପ ଶକ୍ତିକୁ କାମରେ ଲଗାଇବା ପାଇଁ ସେ କେତେକ ଯନ୍ତ୍ର ତିଆରି କରିଥିଲେ । ଏହାଦ୍ୱାରା ଲୋକଙ୍କର ବହୁ ଉପକାର ହେଲା ।

ତାଙ୍କ ପରେ ମାରଡକ୍ ବୋଲି ଜଣେ ଲୋକ ଗୋଟିଏ ରେଲ ଇଞ୍ଜିନ୍ ଗଢ଼ିଲେ । ଏଥିରେ ବହୁ ଦୋଷ ଥିଲେ ମଧ୍ୟ ଏହା ଚାଲୁଥିଲା । ଏ କାମରେ ତାଙ୍କ କେତେକ ଈର୍ଷା କଲେ । କିନ୍ତୁ ସେ ଏହାକୁ ଖାତିର ନ କରି ତାଙ୍କ ଚେଷ୍ଟାରେ ଲାଗି ପଡ଼ିଥିଲେ ।

ତାଙ୍କ ଗାଁରେ ଟ୍ରେଭିଥିକ ବୋଲି ଜଣେ ଲୋକ ରହୁଥିଲେ । ସେ ପିଲାଦିନୁ କଲକବ୍‌ଜା, ଯନ୍ତ୍ରପାତି କାର୍ଯ୍ୟ ଶିଖିଥିଲେ । ତାଙ୍କୁ ପଚିଶ ବର୍ଷ ବୟସ ହେଲାବେଳକୁ ସେ ଗୋଟିଏ ଖେଳନା ଇଞ୍ଜିନ୍ ଗଢ଼ିଥିଲେ । ଗୋଟିଏ ବଡ଼ ଟେବୁଲ ଉପରେ ସେ ପ୍ରଥମେ ଇଞ୍ଜିନ୍‌ଟିକୁ ଚଳାଇଥିଲେ ।

ତାହା ଭଲ ଚାଲିବାରୁ ସେ ଗୋଟିଏ ବଡ଼ ଇଞ୍ଜିନ୍ ତିଆରି କରିବାକୁ ଲାଗିପଡ଼ିଲେ । ସେ ଯେଉଁ ବଡ଼ ଇଞ୍ଜିନ୍‌ଟି ତିଆରି କଲେ, ତାହା ପଛରେ ଗୋଟିଏ ଷ୍ଟେଟ ଡବା ଖଞ୍ଜିଥିଲେ । କିନ୍ତୁ

Digitized by srujanika@gmail.com

ସେ ଡବାରେ ଲୋକମାନେ ବସି ଯିବାଆସିବା କରିବାକୁ ଭୟ କଲେ ।



(ପ୍ରଥମ ଅବସ୍ଥାରେ ରେଲ ଇଞ୍ଜିନ୍)

ହେଲେ ଗୁଣ ଚିହ୍ନେ ଗୁଣିଆ । କେହି ଭଲ କାମ କଲେ, ତାହା ବୃଥା ହୁଏ ନାହିଁ । ହମ୍ଫ୍ରି ଡେଭି ନାମକ ଜଣେ ବୈଜ୍ଞାନିକ ଟ୍ରେଭିଥିକ୍‌ଙ୍କୁ ଏ ଦିଗରେ ସାହାଯ୍ୟ କରିଥିଲେ ।

ଜଣେ ବନ୍ଧୁଙ୍କ ଘରେ ଟ୍ରାମ୍ ରାସ୍ତାକୁ ସେ ଟ୍ରେଭିଥିକ୍‌ଙ୍କ ପରୀକ୍ଷା ପାଇଁ ବ୍ୟବହାର କରିବାକୁ ଅନୁମତି ପାଇଥିଲେ । ଦଶ ଟନ୍ ଓଜନର ଲୁହା ଓ କେତେକ ଲୋକଙ୍କୁ ଧରି ଟ୍ରେଭିଥିକ୍‌ଙ୍କ ଟ୍ରେନ୍ ଏହି ରାସ୍ତାରେ ଚାଲିଲା ।

ଘଣ୍ଟାରେ ଏହାର ଗତି ଥିଲା ପାଞ୍ଚ କିଲୋମିଟର । ତାହା ବି ବାଟ ମଝିରେ ଗୋଟିଏ ଦୁର୍ଘଟଣାରେ ପଡ଼ିଲା । ରାସ୍ତାଟିରୁ ରେଲଗାଡ଼ିଟି ଖସିପଡ଼ିଲା । ଲୋକମାନେ ଖଣ୍ଡିଆଖାବରି ହେଲେ । ସେଇ ଦିନଠାରୁ ତାଙ୍କ ଗାଡ଼ିରେ ଆଉ କେହି ଚଢ଼ିବାକୁ ସାହସ କଲେ ନାହିଁ ।

Digitized by srujanika@gmail.com

ଏଥିରେ ଟ୍ରେଭିଥିକ୍ ଧୂର୍ଣ୍ଣି ପଡ଼ ନଥିଲେ । ସେ ନୂଆ ଆଶା ଓ ଉତ୍ସାହ ନେଇ ପୁଣି କପର ଉନ୍ନତ ରେଲ ଇଞ୍ଜିନ୍ ତିଆରି କରିପାରିବେ, ସେ ଦିଗରେ ଲାଗିପଡ଼ିଲେ । ସେଥିପାଇଁ ସେ ବହୁତ ଖର୍ଚ୍ଚାନ୍ତ ହୋଇଥିଲେ । ତେଣୁ ସେ ଅତି ଗରିବ ଅବସ୍ଥାରେ ଶେଷଜୀବନ ବଡ଼ ଦୁଃଖରେ କଟାଇଥିଲେ ।

ଏଇ ସମୟରେ ଷ୍ଟିଫେନସନ୍ ବୋଲି ଜଣେ ଲୋକ ରେଲଇଞ୍ଜିନ୍ ତିଆରି କରିବାରେ ଖୁବ୍ ମନପ୍ରାଣ ଢାଳି ଦେଇ-ଥିଲେ । ପିଲାଦିନେ ସେ କିଛି ପାଠଶାଠ ପଢ଼ିନଥିଲେ । ବାପା ତାଙ୍କର ଭାରି ଗରିବ ଥିଲେ । କାରଖାନାରେ ଛୋଟ ଚାକିରୀଟିଏ କରି ସେ ନିଜର ପେଟପାଟଣା ଚଳାଉଥିଲେ ।

ଷ୍ଟିଫେନ୍ସନ୍ ଟିକିଏ ହୁସିଆର ହେବା ମାତ୍ରେ ଗୋଟିଏ କୋଇଲା ଖଣିରେ କାମ କରି ରୋଜଗାର କଲେ । କିନ୍ତୁ ଅଠର ବର୍ଷ ବୟସରେ ସେ ପାଠ ପଢ଼ିବାକୁ ମନ କଲେ । ଦିନତମାମ କାମକରି ସେ ରାତିରେ ପାଠ ପଢ଼ୁଥିଲେ । କଳକବ୍‌ଜା ଗଢ଼ିବା ଆଉ ସଜାଡ଼ିବାରେ ତାଙ୍କର ଭାରି ଝୁଙ୍କ୍ ଥିଲା । ସେ ବିଭିନ୍ନ କଳକାରଖାନାକୁ ଯାଇ ଅଚଳ ଅସଜ ଯନ୍ତ୍ରପାତିକୁ ସଜାଡ଼ି ଦେଉଥିଲେ ।

ଷ୍ଟିଫେନସନ୍ ଦେଖିଲେ, ସେତେବେଳର ରେଲ ଇଞ୍ଜିନ୍‌ରେ ନାନା ଅଭାବ ଅସୁବିଧା ରହିଛି । ତେଣୁ ତା'ର ଗତି ଘଣ୍ଟାକୁ ଦଶ ପନ୍ଦର କିଲୋମିଟର ଭିତରେ ଥିଲା । କିନ୍ତୁ ଷ୍ଟିଫେନସନ୍ ଲାଗିପଡ଼ି ଭଲ ରେଲଇଞ୍ଜିନ୍ ବାହାର କଲେ ।

Digitized by srujanika@gmail.com

ତାହା ଅଠଚାଳିଶ କିଲୋମିଟର ବେଗରେ ଚାଲି ପାରିଲା । ଏହା ସେତେବେଳେ ସାଧାରଣ ଲୋକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ବଡ଼ ଚହଲ ପକାଇଦେଲା ।

୧୯୨୯ ମସିହା । ଅକ୍ଟୋବର ମାସର ୮ ତାରିଖ । ରେଲଗାଡ଼ିର ଇତିହାସରେ ଗୋଟିଏ ମନେରଖିବାର ଦିନ । ଇଂଲଣ୍ଡର ଦୁଇଟି ବଡ଼ ସହର ଲିଭରପୁର ଆଉ ମାଞ୍ଚେଷ୍ଟର । ସେହି ଦୁଇ ସହର ମଧ୍ୟଦେଇ ଏକ ରେଲରାସ୍ତା ଯାଇଥିଲା । ଗୋଟିଏ ପ୍ରତିଯୋଗିତାର ଆୟୋଜନ ହୋଇଥିଲା । ଶହ ଶହ ଲୋକ ରୁଣ୍ଡ ହୋଇ ରେଲଗାଡ଼ିର ପ୍ରତିଯୋଗିତା ଦେଖିବାକୁ ଅନାଇ ରହିଛନ୍ତି ।



(ଆଜିର ରେଲଗାଡ଼ି)

ବଛା ବଛା ଚାରୋଟି ଇଞ୍ଜିନ୍ ଆସି ପ୍ରତିଯୋଗିତା ପାଇଁ ଠିଆ ହେଲେ । ବେଳ ହେଲା । ଘୋଡ଼ାଦଉଡ଼ ପରି ଇଞ୍ଜିନ୍-ଗୁଡ଼ିକ ଧାଇଁବାରେ ଲାଗିଲେ । କିନ୍ତୁ ଷ୍ଟିଫେନସନ୍‌ଙ୍କ ଇଞ୍ଜିନ୍‌କୁ

Digitized by srujanika@gmail.com

କେହି ପାରିଲେ ନାହିଁ । ସବୁରି ଆଗରେ ତାଙ୍କ ଗାଡ଼ି ଧାଇଁଲା ।

ସମସ୍ତେ ତାକୁ "ଲୁହାଘୋଡ଼ା" ବୋଲି ଡାକିଲେ । ଜର୍ଜ ଷ୍ଟିଫେନସନ୍ ସେ ଇଞ୍ଜିନ୍‌ର ନାମ ଦେଇଥିଲେ "ରକେଟ୍" । ସମସ୍ତଙ୍କ ମୁହଁରୁ ତାଙ୍କର ପ୍ରଶଂସା ଝରିପଡ଼ିଲା ।

ଷ୍ଟିଫେନସନ୍‌ଙ୍କର ଏହି ରକେଟ୍ ବହୁଦିନ ଧରି ସେଇ ରାସ୍ତାରେ ଯାତ୍ରୀ ନେବା ଆଣିବା କରିଥିଲା । ଆଉ ଅନେକ ସ୍ଥାନରେ ରେଲରାସ୍ତାସବୁ ପଡ଼ିଲା । ଦିନକୁଦିନ ବଡ଼ ଓ ଉନ୍ନତ ଇଞ୍ଜିନ୍‌ମାନ ତିଆରି ହେଲା ।

ଇଂଲଣ୍ଡରେ ତାଙ୍କର ଆଠୋଟି ଇଞ୍ଜିନ୍ ଚାଲୁଥିଲା । ଏହା ସାହାଯ୍ୟରେ ଯାତ୍ରୀ ଓ ମାଲପତ୍ର ସବୁ ବଡ଼ ସୁବିଧାରେ ଯିବାଆସିବା କରିପାରିଲା । ଅନ୍ୟ ଦେଶମାନଙ୍କରେ ମଧ୍ୟ ତାଙ୍କ ଇଞ୍ଜିନ୍‌ର ଭାରି ଆଦର ହେଲା । ସାରା ଦୁନିଆରେ ଜର୍ଜ ଷ୍ଟିଫେନସନ୍‌ଙ୍କର ନାମ ଖେଳିଗଲା ।

ଯେଉଁମାନେ ରେଲଗାଡ଼ିକୁ ନାନା ଦୁଃଖକଷ୍ଟ ଆଉ ଅଭାବ ଅସୁବିଧା ଭିତରେ ଏଇ ଅବସ୍ଥାକୁ ଆଣିପାରିଛନ୍ତି, ସେମାନଙ୍କ ପାଖରେ ଆମେ ସମସ୍ତେ ଋଣୀ ।

ଏସବୁ କଥା ମାମୁଁଙ୍କଠାରୁ ଶୁଣି ମିଣ୍ଟୁର ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଆଜି ସତେ ସେ କେତେ ନୂଆ କଥା ଜାଣି-ପାରିଲା !

Digitized by srujanika@gmail.com

ରଙ୍ଗ ବାଇଜର କାଉଁରୀକାଠି

ସେଦିନ ରବିବାର । ସକାଳୁ ଉଠିପଡ଼ିଲା ଲିଟୁ । ବାପାଙ୍କ ସାଥିରେ ବଗିଚାରେ ବୁଲିଲା । ପୁଷ ମାସ । ଶୀତ ବି ହେଉଥିଲା । ସେଦିନର କଅଁଳ ଖରା ଦେହକୁ କେଡ଼େ ଭଲ ଲାଗୁଥିଲା ସତେ !

ବଗିଚାରେ ତାଙ୍କର ଗୋଟିଏ ବଡ଼ ସୁଗନ୍ଧରାଜ ଗଛ । ଧଳା ଧଳା ଫୁଲ ଲଦି ହୋଇପଡ଼ିଛି । କାକରଭିଜା ଫୁଲଗୁଡ଼ିକର ମହକ କେତେ ! ଶାଗୁଆ ପତ୍ର ବି ଗଛଟିକୁ ଭାରି ଗହଳିଆ କରିଛି । ହେଲେ କେତୋଟି ଡାଳରେ ଝିଂବାଳୁଆଗୁଡ଼ାକ ଲାଗିଛନ୍ତି ।

ଫୁଲ ତୋଳୁ ତୋଳୁ ଲିଟୁର ହାତରେ ଗୋଟିଏ ଝିଂବାଳୁଆ ଲାଗିଗଲା ଓ ସରୁ ସରୁ କଣ୍ଟା ପରି କେତେ ରୁମ ତା ହାତରେ ଫୋଡ଼ିହୋଇଗଲା ! ସେ ପାଟି କରିଉଠିଲା । ବାପା ତାର ପାଖକୁ ଦୌଡ଼ି ଆସିଲେ । କହିଲେ, ଗୋଟିଏ ପୋଇପତ୍ର ଘଷିଦେଲେ ରୁମସବୁ ଛାଡ଼ିଯିବ । ବ୍ୟସ୍ତହେବା ଦରକାର ନାହିଁ ।

ହେଲେ, ଲିଟୁ ଭାରି ବ୍ୟସ୍ତ ହୋଇପଡ଼ିଲା । ଚିଡ଼ିଉଠି କହିଲା ଏଇ ଅସନା ପୋକଗୁଡ଼ାକ କେଉଁଠୁ ଆସିଲେ ବାପା ? ଏଗୁଡ଼ାକ ଉପରେ ବିଷ ପକାଇ ମାରିଦେଲେ ଯାଏନ୍ତି । ଏଡ଼େ ସୁନ୍ଦର ଫୁଲ ଗଛଟାକୁ ଆସ୍ତେ ଆସ୍ତେ ଥୁଣ୍ଟା କରିଦେବେ ଦେଖୁଛ ।

Digitized by srujanika@gmail.com



(ବଗିଚ୍ଛାରେ ବାପା ଓ ତାଙ୍କର ୮।୯ ବର୍ଷର ପୁଅ)

ବାପା କହିଲେ—ଦେଖିବା, ବେଶୀ ହେଲେ ଆମେ ଯାହା କରିବା । କିନ୍ତୁ ଅପେକ୍ଷା କଲେ ଦେଖିବୁ ଏଇ ଅସୁନ୍ଦର ପୋକ-ଗୁଡ଼ାକ କେଡ଼େ ସୁନ୍ଦର ପ୍ରଜାପତି ହୋଇଯିବେ ?

ଲିଟ୍ ବାପାଙ୍କର ଏକଥା ଶୁଣି ଚମକି ପଡ଼ିଲା । ପଚାରିଲା—ବାପା' କ'ଣ ଏଇ ସଂବାଲୁଆ ପୋକଗୁଡ଼ାକ ପୁଣି ପ୍ରଜାପତି ହୁଅନ୍ତି ?

ବାପା କହିଲେ— ଏହା କିପରି ହୁଏ ତୁ ନିଜେ ତାହା ଜାଣି-ପାରିବୁ । ପ୍ରତିଦିନ ସକାଳୁ ଉଠି ତୁ ଦେଖିବୁ ଏଇ ସଂବାଲୁଆ ସବୁ କିପରି ବଦଳୁଛନ୍ତି ।

ଲିଟ୍ ପଚାରିଲା ଆଗେ ତ ଏଇ ପୋକଗୁଡ଼ାକ ଏଠି ନ ଥିଲେ । ଏବେ ଏଠି ଆସିଲେ କେଉଁଠୁ ?

ବାପା ବୁଝାଇ କହିଲେ ମାଈ ପ୍ରଜାପତି ଏଇ ଗଛର ପତ୍ର ତଳେ ସାତଆଠ ଦିନ ଆଗରୁ ଅନେକ ଗୁଡ଼ାଏ ଗ୍ଲେଟ

Digitized by srujanika@gmail.com

ଡିମ୍ବ ଦେଇଥିଲା । ଏବେ ଦିନେ ଦୁଇଦିନ ହେଲା ସେସବୁ ଫଟି ଛୁଆ ହେଲେ । ଏଇ ଛୁଆଗୁଡ଼ିକ ବଡ଼ି ଶୁଂବାଳିଆ ହୋଇଛନ୍ତି । ସେମାନଙ୍କର ଆହାର ହେଲା ପଛର ପତ୍ର । ତେଣୁ ସେମାନେ ସୁଗନ୍ଧରାଜ ଗଛର ପତ୍ରତକ ଖାଇଯାଉଛନ୍ତି ।

ସେଇଦିନଠାରୁ କିଟ୍ଟୁ ସକାଳୁ ସଅଳ ସଅଳ ଉଠି ସୁଗନ୍ଧରାଜ ଗଛ ପାଖକୁ ଧାଇଁଯାଏ । ମନ ଲଗାଇ ସେଇ ପୋକଗୁଡ଼ିକୁ ଦେଖେ । ଦିନେ ସେ ଲକ୍ଷ୍ୟକଲା—ଶୁଂବାଳିଆଙ୍କ ଦେହର ଲୁମଗୁଡ଼ିକ ହୋଇଯାଇଛି ଲମ୍ବା ଆଉ ଝାଆଁସା । ପେଟରୁ ଗୋଡ଼ଗୁଡ଼ିକ ବାହାରି ବଡ଼ ହୋଇଯାଇଛି । ସେମାନେ ଏଣେ ତେଣେ ବୁଲି ଗଛର ପତ୍ରଗୁଡ଼ିକୁ ଚରିବାରେ ଲାଗିଛନ୍ତି ।

(ପିଲାଟି ସୁଗନ୍ଧରାଜ ଗଛକୁ ଦେଖୁଛି)

କିଟ୍ଟୁ ଭାବିଲା, ଶୁଂବାଳିଆଗୁଡ଼ାକ ଭାରି ପେଟୁ । ସେମାନଙ୍କ ଆକାର ତୁଳନାରେ କେତେ ପତ୍ର ଯେ ଖାଇଯାଉଛନ୍ତି, ତାର କିଛି ଠିକଣା ନାହିଁ ।

Digitized by srujanika@gmail.com

ଦିନେ ସେ ଦେଖିଲା—ବେଶୀ ଖାଇ ଖାଇ ସେଗୁଡ଼ାକ ମୋଟା ହୋଇଯାଉଛନ୍ତି । ଆଉ କିଛି ଖାଉନାହାନ୍ତି । ସମ୍ଭବତଃ ବେଶୀ ଖାଇ ଦେହ ଖରାପ ହୋଇଯାଇଛି ! ଦେଖୁ ଦେଖୁ ସେମାନଙ୍କର ଚମ ଫାଟିଗଲା । ଭିତରୁ ନୂଆ ଚମ ବାହାରିଲା ।

ସେମାନେ ପୁଣି ପତ୍ରଗୁଡ଼ିକୁ ରଙ୍କାଳିଆ ହୋଇ ଚରିବାରେ ଲାଗିଗଲେ । ଲିଟୁ କହିଲା—ହେ, ପୁଣି ତମର ପେଟ ଖରାପ ହେବ । ଆଉ ଥରେ ବେମାରରେ ପଡ଼ିବ ନା' କ'ଣ ?

ସତକୁ ସତ ସେଇଆ ହେଲା । ସେଗୁଡ଼ିକ ପୁଣି ଚୁପ୍ ହୋଇ ଗଛ ଡାଳରେ ମୁହଁ ମାଡ଼ି ପଡ଼ିରହିଲେ । ସେମାନଙ୍କର ଦେହ ଫାଟି ପୁଣି ନୂଆ ଚମ ଦେଖାଗଲା । ଝିବାଲୁଆ ସବୁ ଟିକିଏ ବଡ଼ଦେଖାଗଲେ । ଏମିତି ଦୁଇ ତିନି ସପ୍ତାହ ଭିତରେ ସେମାନେ ତିନି ଚାରି ଥର ସେମାନଙ୍କର ଚମ ପୋଷାକ ବଦଳାଇଲେ । ପୁରୁଣା ଚମ ବଦଳରେ ନୂଆ ଚମ ପିନ୍ଧିଲେ । ସେମାନଙ୍କର ଆକାର ଶେଷରେ ଦୁଇ ତିନି ଇଞ୍ଚ ଲମ୍ବ ହୋଇଗଲା ।

ଦିନେ ଦେଖିଲା ବେଳକୁ ଅଧିକାଂଶ ଝିବାଲୁଆ ନାହାନ୍ତି । କେଉଁଠି ମରିପଡ଼ିଲେ ନା କ'ଣ ? ଲିଟି ଦେଖିଲା ସୁଗନ୍ଧରାଜ ଗଛ ତଳେ ସେମାନଙ୍କର କଳାକଳା ଗୋଟି ଗୋଟି ମଳବାଟଲା କେବଳ ଗଦା ହୋଇଯାଇଛି । ଗଛରେ ବି ସେମିତି କେଉଁଠି ଦେଖା ଯାଉନାହାନ୍ତି । ଚୁପ୍‌ଚାପ କେଉଁଠି ଶୋଇ ପଡ଼ିଥିବେ ପରା ! ନାଁ, ସେମାନେ ଗଛପତ୍ର ତଳେ ଲୁଚି ରହିଛନ୍ତି । ସେମାନଙ୍କ ପାଟିରୁ ଏକପ୍ରକାର ଲାଳ ବାହାରୁଛି ।

ତା ଆର ଦିନ ଲିଟୁ ଦେଖିଲା—ସେଇ ଲାଳରେ ସେମାନେ ଗୋଟିଏ ବସା ତିଆରି କରିଛନ୍ତି । ଲିଟୁ ଭାବିଲା, ସମ୍ଭବତଃ ଶୀତ

Digitized by srujanika@gmail.com

ହେବାରୁ ସେମାନେ ଏମିତ ଖୋଷା ପରି ଘର ତଆରି କରୁଛନ୍ତି ପରା !

ବନେ ଲକ୍ଷ୍ୟ ଦେଖିଲା, ଡାଳପତ୍ରରୁ ଗୋଟିଏ ଲେଖାଁ ରେଶମୀ ସୂତାରେ ଗୋଟିଏ ଗୋଟିଏ ଖୋଷା ଝୁଲୁଛି । ତାରି ଭିତରେ ଗୋଟିଏ ଲେଖାଁ ସଂବାଳୁଆ ପଶିଯାଇଛନ୍ତି । ଭାରି ମଜା ତ ? ଏବେ ଏମାନେ ଆରାମରେ ଦୋଳି ଖେଳିବେ ନା କ'ଣ ?

ଏମିତ କେତେ ସପ୍ତାହ ଗଲା । ସଂବାଳୁଆମାନେ ଖୋଷା ଭିତରେ ରହି ପବନରେ ଦୋଳି ଖେଳିବାରେ ଲାଗିଲେ । ବନେ ଉପରବେଳା ଲକ୍ଷ୍ୟ ସ୍କୁଲରୁ ଫେରି ଦେଖିଲା ପ୍ରାୟ ସବୁ ସଂବାଳୁଆଙ୍କର ଚମ ଫାଟି ମେଲା ହୋଇଯାଇଛି । ସତେ ଯେମିତ ପିଲାମାନେ ଶୋଇବା ଆଗରୁ ଜାମାର ବୋତାମ ଫିଟାଇ ଦେଇଛନ୍ତି ।



(ସଂବାଳୁଆର ବିଭିନ୍ନ ରୂପ)

ତାପରେ ସେମାନେ କିଛି ସମୟ ଅଳସ ଭାଙ୍ଗିଲା ପରି ଭିଡ଼ମୋଡ଼ ହେଲେ । ପିଲାମାନେ ଦେହରୁ ଜାମା ବାହାର କଲା ପରି

Digitized by srujanika@gmail.com

ଦେଲା ପରି ଙ୍ଗବାଳୁଆମାନେ ଦେହରୁ ଚମ ପୂରା ବାହାର କରି ଦେଲେ । ତା'ପରେ ପୁଣି ରେଶମୀ ଦୋଳରେ ଝୁଲିଲେ । ଦୋଳ ଭିତରୁ କେତେପ୍ରକାର ରଙ୍ଗ ଉକୁଟି ଉଠିଲା । ଖରା ପଡ଼ି ଚକ୍ ଚକ୍ ଦିଶିଲା ।

ଲିଟୁ ବଡ଼ କୌତୂହଳୀ ହୋଇପଡ଼ିଲା । ବାପାଙ୍କୁ ଡାକି ପଚାରିଲା—ଦେଖ ବାପା, ଙ୍ଗବାଳୁଆଗୁଡ଼ିକ ଏବେ ଦୋଳ ଭିତରେ ଝୁଲୁଛନ୍ତି । ତା ଭିତରେ ରହି କ'ଣ କୁହୁକ କରୁଛନ୍ତି କି ?

ବାପା କହିଲେ—ହଁ, ସେମାନେ ଖାଲି ଦୋଳରେ ଝୁଲୁ-ନାହାନ୍ତି, ରଙ୍ଗୀନ୍ ପୋଷାକ ତିଆରି କରିବାରେ ଲାଗିଛନ୍ତି । ଠିକ୍ ବେଳରେ ସେମାନେ ଉଠିବେ ଯେ ।

ସତକୁ ସତ ଲିଟୁ ଦେଖିଲା—ଙ୍ଗବାଳୁଆତକ ହଠାତ୍ ସେମାନଙ୍କର ରେଶମୀ ଦୋଳକୁ ମେଲାଇ ବାହାରି ପଡ଼ୁଛନ୍ତି । ଆରେ, ସେମାନେ ତଳକୁ ଖସି ପଡ଼ୁଆନ୍ତେ ? ଭାଗ୍ୟକୁ ସେମାନେ ଦୋଳଟାକୁ ହଠାତ୍ ନିଜ ଗୋଡ଼ରେ ଛନ୍ଦି ପକାଇଲେ । ଏବେ ସେମାନଙ୍କ ଦେହରେ ଚାରିଟା ଛୋଟ ଛୋଟ ରଙ୍ଗୀନ ଡେଣା ଲାଗିବାର ଜଣାଗଲା । କିନ୍ତୁ ସେମାନଙ୍କ ଦେହସବୁ କେତେ ବଡ଼ ହୋଇଯାଇଛି ସତେ !

ଲିଟୁ ପାଟି କରିଉଠିଲା—

"ଦେହ ଏଡ଼େକୁ ଡେଣା ଯେତେ ?
ଏଥିରେ ବା ସେ କିପରି ଉଡ଼େ ।"

Digitized by srujanika@gmail.com

ଲିଟ୍ନୁର ପାଟି ଶୁଣି ବାପା ଆସି ଦେଖିଲେ । ତାପରେ କହିଲେ—ଅପେକ୍ଷା କର, ଦେଖିବୁ କପରି ତା'ର ଚେହେରା ବଦଳିଯିବ ? ତାର ଡେଣାସବୁ ମଜବୁତ ହୋଇଯିବ ।

ତା'ପରେ ସତେ ଯେମିତି ଡେଣାଗୁଡ଼ିକ ବଢ଼ିବାରେ ଲାଗିଲା । କେତେ ଟାଣ ହୋଇଗଲା ସେଗୁଡ଼ିକ । କେତେ ଚକ୍‌କଣ, ରଙ୍ଗୀନ୍ ଦେଖାଗଲା ସେସବୁ । ଘଣ୍ଟାଏ ଦିଘଣ୍ଟା ଚାଲିବୁଲି କରିବା ପରେ ପରେ ଏବେ ପ୍ରଜାପତି ସବୁ ସେମାନଙ୍କର ରଙ୍ଗବେରଙ୍ଗର ଡେଣା ମେଲି ଉଡ଼ିବାରେ ଲାଗିଲେ । ସବୁଜ ସୁଗନ୍ଧରାଜ ଗଛରେ ଧଳା ଧଳା ଫୁଲର ପାଖୁଡ଼ା । ତା ଉପରେ ପ୍ରଜାପତିର ରଙ୍ଗୀନ୍ ପର ସତେ ଅବା ତାଳମାରୁଛି । ସଫେଦ ଶେଯରେ ପରୀମାନେ ଯେମିତି ଶୋଇଛନ୍ତି !



(ପ୍ରଜାପତି ଫୁଲଗଛରେ ବସିବାର ଦୃଶ୍ୟ)

ଲିଟୁ ଅବାକ୍ ହୋଇ ଚାହିଁରହିଛି । ଆଖିରେ ତା'ର ପଲକ ପଡ଼ୁନାହିଁ । କି ଆଶ୍ଚର୍ଯ୍ୟର କଥା । କେତେ ଅଲଅା ଅସନା

Digitized by srujanika@gmail.com

ଶୁଁବାଳୁଆ ପୋକସବୁ କି ସୁନ୍ଦର ଆଉ ରଙ୍ଗୀନ୍ ପ୍ରଜାପତି ହେଲେ ! ନିଜ ଆଖି ଆଗରେ ସବୁ ଘଟିଯାଇଛି । ତାହା ନ ଦେଖିଲେ ସତେ କିଏ ବିଶ୍ୱାସ କରିବ ?

ବାପା ଲିଟୁର ଅବସ୍ଥା ଦେଖି କହିଲେ--ଶୁଁବାଳୁଆରୁ ପ୍ରଜାପତି ହେବା ଜୀବଜଗତରେ ସବୁଠୁଁ ଅଧିକ ଆଶ୍ଚର୍ଯ୍ୟର ଘଟଣା । ସତେ ଯେମିତି ଏହା ରଙ୍ଗବାଇକର ଏକ କାଉଁରୀ କାଠିର କରାମତି ।

———

Digitized by srujanika@gmail.com

ସମୁଦ୍ରରୁ ଖାଦ୍ୟ

ସବୁଠି ଗହଳ

ଆଜକାଲ ସବୁଠି ଗହଳ ପଡ଼ିଯାଉଛି । ଲୋକସଂଖ୍ୟା ଖୁବ୍ ବଢ଼ିଗଲା । ଏବେ ପୃଥିବୀରେ ଲୋକସଂଖ୍ୟା ୪୮୦ କୋଟି । ତହିଁରୁ ଭାରତରେ ଏକା ୭୪ କୋଟି । ଆଉ ଦଶବାର ବର୍ଷ ପରେ ପୃଥିବୀର ଲୋକସଂଖ୍ୟା ହେବ ୭୧୦ କୋଟି । ଭାରତର ଲୋକସଂଖ୍ୟା ୯୦ କୋଟିରେ ପହଞ୍ଚିବ ।

ସବୁରି ଚିନ୍ତା– ଏତେ ଲୋକ ରହିବେ କେଉଁଠି ? ଖାଇବେ କ'ଣ ? ଆଜଠୁଁ ତ ସହରର ରାସ୍ତାକଡ଼, ନାଳକୂଳ, ହାଟ, ବଜାର, ତଳି ଅଞ୍ଚଳରେ ବସ୍ତି ମାନ ମୁଣ୍ଡ ଟେକିଛି । ପଚାସଢ଼ା, ପଙ୍କାଦୁଅ, ଅଳିଆ ଅସନା ଭିତରେ ଦଳ ଦଳ ମଣିଷ ରହନ୍ତି । ଗୋରୁଗାଈ, କୁକୁର, ବିରାଡ଼ି ଆଦି ପଶୁଙ୍କର ରହିବାଠାରୁ ଆହୁରି ଶୋଚନୀୟ ସେମାନଙ୍କ ରହଣି । ସେଠାରେ ପରିବେଶ ଦେଖିଲେ ଦେହ ଶୀତେଇ ଉଠେ । ମନରେ ଘୃଣା ଆସେ ।

ଆଫ୍ରିକା, ଏସିଆ, ଦକ୍ଷିଣ ଆମେରିକା, ଏମିତିକି ୟୁରୋପର ବହୁ ଦେଶରେ ଅନେକ ଲୋକ ପେଟପୂରା ଗଣ୍ଡେ ଖାଇବାକୁ ପା'ନ୍ତି ନାହିଁ । ସେଥିପାଇଁ ପୁଣି ମଝିରେ ମଝିରେ ବଢ଼ି, ମରୁଡ଼ି,

Digitized by srujanika@gmail.com

ଝଡ଼, ବତାସ ଆଉ ଦୁର୍ଭିକ୍ଷର କରାଳ ରୂପ ଖେଳଯାଏ । ହାଅନ୍ନର ଚତ୍କାର ଚଉଦଗ ଚମକାଇ ଦଏ ।

ବିଜ୍ଞାନର ବଳ-

ବଜ୍ଞାନର ବକାଶ ଘଟିଛି । ଚକତ୍ସାର ଉନ୍ନତ ହୋଇଛି । ରୋଗ ବହୁ କମିଛି । କେତେକ ବଢ଼ିଛି । ନୂଆ ରୋଗ କେତୋଟି ବ ମୁହଁ ଦେଖାଇଲାଣି । ଏଣେ ମଣିଷର ପରମାୟୁ ବଢ଼ିଛି ।



(ସମୁଦ୍ ପାଣିରେ ମାଛ କଙ୍କଡା ଆଦ)

ହେଲେ ଅଭାବ ଅସୁବଧା, ଦୁଃଖକଷ୍ଟ ଯାଇ ନାହିଁ । ବରଂ ଦନକୁ ଦନ ଏହା ବଢେଇ ଆସୁଛି । କାରଣ ଅଧିକା କୋଟି କୋଟି ଲୋକଙ୍କ ମୁହଁରେ ଦାନା ଦେବାକୁ ହେବ ।

ଆଜକାଲ ବହୁ ବୈଜ୍ଞାନକ କହୁଛନ୍ତି ଯେ ପୃଥିବୀରେ ଅଧିକ ଖାଦ୍ୟ ଉତ୍ପାଦନ କରାଯାଇ ପାରବ । ଉପଯୁକ୍ତ ଯତ୍ନ ନେଲେ ଅତ କମ୍‌ରେ ଆଜର ଚ୍ଛରଗୁଣ ଫସଲ ଅମଳ ହେବ ।

Digitized by srujanika@gmail.com

ଲୋକ ସଂଖ୍ୟାଠାରୁ ଖାଦ୍ୟ ଉତ୍ପାଦନ ଅଧିକ ବେଗରେ ବଢ଼ି ପାରିବ ।

ବିଜ୍ଞାନ ବଳରେ ଅତି ନୀରସ। ଟାଙ୍ଗର ଭୂଇଁରେ ବି ଫସଲ ଫଳି ପାରିବ। ଏମିତିକି ଆଫ୍ରିକାର ସାହାରା ମରୁଭୂମି ବା ଏସିଆର ଥର ମରୁଭୂମିରେ ଚୂଷବାସ କରାଯାଇ ପାରିବ। ଏଥିପାଇଁ କେବଳ ଅଧିକ ଧନ ଓ ଅଧିକ ଜ୍ଞାନ ଆବଶ୍ୟକ ।

ଜଳଭାଗରେ ବି ଫସଲ-

ଏ ତ ଗଲା ସ୍ଥଳଭାଗର କଥା । ପ୍ରକାଣ୍ଡ ଜଳଭାଗ ରହିଛି । ପୃଥିବୀର ଚାରିଭାଗରୁ ତିନିଭାଗ ସମୁଦ୍ର । ଏହା ଅସୁମାରି ମାଛ, କଙ୍କଡ଼ା ଆଦି ଜଳଜନ୍ତୁର ଭଣ୍ଡାର । ଆଜକାଲି ଆମେ ସମୁଦ୍ରରୁ ଯେତିକି ମାଛ ଶିକାର କରୁଛୁ, ମନ କଲେ ତାକୁ ଦଶଗୁଣ ବଢ଼ାଇ ପାରିବା । ବହୁ ଦେଶରେ ସେଇ ଜାଲ ଓ ନାଆ ସାହାଯ୍ୟରେ ମାଛଧରା ଚାଲିଛି । କିନ୍ତୁ ଆଗୁଆ ଦେଶମାନଙ୍କରେ ଅନେକପ୍ରକାର ଯନ୍ତ୍ରପାତି ସାହାଯ୍ୟରେ ପ୍ରଚୁର ମାଛଧରା ହୋଇପାରୁଛି ।

ଭବିଷ୍ୟତରେ ମଣିଷ ଏଇ ସମୁଦ୍ରରୁ ତାର ବହୁ ଖାଦ୍ୟ ସଂଗ୍ରହ କରିପାରିବ। ଖାଲି ଜୀବଜନ୍ତୁ ନୁହେଁ, ସମୁଦ୍ରର ଗଛଲତାକୁ ମଧ୍ୟ ତାର ଖାଦ୍ୟ ରୂପେ ବ୍ୟବହାର କରିପାରିବ । ଏ ବିଷୟରେ ଅନେକ ବୈଜ୍ଞାନିକ ଓ ଦୁଃସାହସୀ ମଣିଷ କେତେକ ପରୀକ୍ଷା-ନିରୀକ୍ଷା କରି ଏଇ ଆଶାକୁ ଉଜ୍ଜ୍ୱଳ କଲେଣି ।

Digitized by srujanika@gmail.com

ସମୁଦ୍ର ହିଁ ଏକମାତ୍ର ସମ୍ବଳ-

୧୯୫୨ ମସିହାର କଥା । ଜଣେ ସାହସୀ ଫରାସୀ ଭଦ୍ରବ୍ୟକ୍ତିଙ୍କର ନାଁ ଆଲେନ ବୋମ୍ବାର୍ଡ଼ । ସେ ଗୋଟିଏ ଛୋଟ

(ସମୁଦ୍ରରେ ନାଆ, ଜାହାଜ)

ଖୋଲା ରବର ଡଙ୍ଗାରେ ଆଟଲାଣ୍ଟିକ୍ ପାର ହେଲେ । ପୁଣି ସେ ସାଥିରେ ଅଳ୍ପ କେତୋଟି ଟିଣରେ ଯାହା କିଛି ରନ୍ଧା ଖାଦ୍ୟ ନେଇଥିଲେ । କିନ୍ତୁ ନିତାନ୍ତ ଦରକାର ନ ପଡ଼ିଲେ, ତାଙ୍କୁ ନ ଖୋଲିବାକୁ ଠିକ୍ କରିଥିଲେ ।

ବୋମ୍ବାର୍ଡ ଦେଖାଇ ଦେବାକୁ ଚାହିଁଲେ ଯେ ମଣିଷ ସମୁଦ୍ର ଉପରେ ପୂରା ନିର୍ଭର କରି ଚଳିଯାଇ ପାରିବ । ସେ ବିରାଟ ଆଟଲାଣ୍ଟିକ ସମୁଦ୍ରକୁ ପାରିହେବାକୁ ତିନି ମାସ ସମୟ ନେଇଥିଲେ । ସେ ସମୁଦ୍ର ମଝିରେ ଖୁବ୍ ଦୁର୍ବଳ ଓ ବେମାରିଆ

Digitized by srujanika@gmail.com

ହୋଇ ପଡ଼ିଥିଲେ । ଥରେ ଥରେ ତାଙ୍କର ଆଶଙ୍କା ହୋଇଥିଲା ଯେ ସେଇ ସମୁଦ୍ର ମଝିରେ ସେ ମରିଯିବେ ।

ଥରେ ଥରେ ସେ ପାଗଳ ହୋଇଗଲା ପରି ଅନୁଭବ କଲେ । ଖାଦ୍ୟ ଅଭାବରୁ ଉପାସରେ ପଡ଼ିଲେ । ହେଲେ ଓଗୋଟିଏ ହେଲେ ଟିଣ ଖୋଲିଲେ ନାହିଁ । ସେ ପଞ୍ଚଷଠି ଦିନ ସମୁଦ୍ର ଉପରେ ପୂରା ନିର୍ଭର କରି କଟାଇଲେ । ଖାଇବା, ପିଇବା, ଶୋଇବା ଆଦି ସବୁକାମ ସେଇଠାରେ । ସେ ସମୁଦ୍ରରୁ ମାଛ ଧରି ତାକୁ କଞ୍ଚା ଖାଉଥିଲେ । କେତେକ ଗଛଲତା ବି ସମୁଦ୍ରରୁ ସଂଗ୍ରହ କରି ବ୍ୟବହାର କରୁଥିଲେ ।

ସମୁଦ୍ରରେ ବି ଗଛଲତା-

ସ୍ଥଳ ଭାଗ ପରି ଜଳ ଭାଗରେ ମଧ୍ୟ ବହୁ ଗଛଲତା ଅଛି । ସେଗୁଡ଼ିକ ପୁଣି ସାନରୁ ବଡ଼ଯାଏ ନାନା ପ୍ରକାରର । ସେଗୁଡ଼ିକ ମଧ୍ୟରୁ ଅନେକ ଏମିତିକି ଶିଉଳି ଜାତୀୟ ଗଛଲତା ମଧ୍ୟ ସୂର୍ଯ୍ୟ-କିରଣ ଦରକାର କରନ୍ତି । ତେଣୁ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ସମୁଦ୍ର କୂଳ ବା ସମୁଦ୍ର ପାଣିର ଉପର ଭାଗରେ ଦେଖାଯାନ୍ତି ।

ଅନେକ ଗଛଲତା ଆମେ ଖାଲିଆଖିରେ ଦେଖି ପାରୁ ନାହିଁ । ବୋମ୍ବାର୍ଡ ନିଜେ ମଧ୍ୟ ଅନେକ ଗଛଲତାକୁ ପ୍ରଥମେ ଦେଖିପାରି ନ ଥିଲେ । କିନ୍ତୁ ଅଲଗା ସରୁ ଜାଲରେ ସେ ସେଗୁଡ଼ିକୁ ପାଣିରୁ ଛାଣି ଦେଖି ପାରିଥିଲେ । ସେଗୁଡ଼ିକ ମଧ୍ୟ ମଣିଷ ଖାଇ ପାରିବ । ହେଲେ, ମଣିଷର ଗୋଟିଏ ମିଲ୍ ପାଇଁ ବା ଥରେ ପେଟପୂରା

Digitized by srujanika@gmail.com

(ସମୁଦ୍ରରେ ଗଛଲତା)

ଖାଇବା ପାଇଁ ସେଥିରୁ ଲକ୍ଷ ଲକ୍ଷ ସଂଖ୍ୟାରେ ବ୍ୟବହାର କରିବାକୁ ପଡ଼ିବ । ହାୟରେ ଅବସ୍ଥା !

ସମୁଦ୍ରରେ ଟିଣ ଖାଦ୍ୟ ତିଆରି-

କେତେକ ଦେଶର ମାଛ ଧରାଳି ନିଜ ଜାହାଜରେ ଫ୍ରିଜ୍ ବା ଶୀତଳୀକରଣର ବ୍ୟବସ୍ଥା କରିଥାନ୍ତି । ଗଭୀର ସମୁଦ୍ରରୁ ମାଛ ଧରି ସେଥିରେ ସେମାନେ ବହୁ ଦିନ ପର୍ଯ୍ୟନ୍ତ ରଖିଥାନ୍ତି । କେତେକ ମଧ୍ୟ ମାଛ ରାନ୍ଧି ଟିଣରେ ଭର୍ତ୍ତିକରିବା ପାଇଁ ଦରକାରୀ ଯନ୍ତ୍ରପାତି

Digitized by srujanika@gmail.com

ଗୋଟିଏ ଗୋଟିଏ ଜାହାଜରେ ଖଞ୍ଜି ନେଇଥାନ୍ତି । ସେଇ ସମୁଦ୍ର ଭିତରେ ସେମାନେ ମାଛ ଧରିବାଠାରୁ ଟିଣରେ ଭର୍ତ୍ତିକରିବାଯାଏ ସବୁ କାମ ସାରି ଦେଇଥାନ୍ତି ।

ଆରବ ସାଗର ପ୍ରଭୃତି କେତେକ ସମୁଦ୍ରରେ ଅସରନ୍ତି ଶିଉଳ ହୋଇଥିବାରୁ ପ୍ରଚୁର ମାଛ ଥାନ୍ତି । ମହାସାଗରର ବହୁ ଅଞ୍ଚଳ ଏବେ ବି ମଣିଷର ଚରାଭୂଇଁରେ ପରିଣତ ହୋଇନାହିଁ । ସେଠାରେ ଶିଉଳର ବଣ ରହିଛି । କେତେକ ଜାଗାରେ ଲାଲ ଶିଉଳ ବଣ ଯୋଗୁ ସମୁଦ୍ରର ପାଣି ବି ଲାଲ ଦେଖାଯାଏ ।

ଆଜକାଲି ସମୁଦ୍ରରେ ମାଛ ପାଳିବାର ବ୍ୟବସ୍ଥା ହେଲଣି । ମଧୁର ପାଣିରେ ମାଛ ପାଳିବା ବ୍ୟବସ୍ଥା ବି ଅଧିକରୁ ଅଧିକ ହେଲଣି । ଚୀନ, ଭାରତ ଓ ୟୁରୋପର ବିଭିନ୍ନ ଦେଶରେ ଏଇ ମାଛ ପାଳନ ଦିନକୁ ଦିନ ବଢ଼ିବାରେ ଲାଗିଛି ।

ସମୁଦ୍ରରେ ଶିଉଳ-

ସ୍ଥଳ ଭାଗରେ ଉଦ୍ଭିଦ ଯେମିତି ସବୁ ପ୍ରକାର ଜୀବନର ଆହାର, ସେଇପରି ଜଳଭାଗରେ ଶିଉଳ ଜାତୀୟ ଗଛଲତା ସମୁଦ୍ରରେ ରହୁଥିବା ସମସ୍ତ ଜୀବଜନ୍ତୁଙ୍କର ଆହାର । ଶିଉଳି ଜାତୀୟ ଗଛଲତା ଛଡ଼ା ଶିଉଳ ଜାତୀୟ ଜୀବଜନ୍ତୁ ମଧ୍ୟ ସମୁଦ୍ରରେ ବହୁ ସଂଖ୍ୟାରେ ଅଛନ୍ତି । ଏହା ସମୁଦ୍ରର ସବୁଠ

Digitized by srujanika@gmail.com

ଶ୍ରେଷ୍ଠ ଜୀବ । ଶ୍ରେଷ୍ଠ ଶ୍ରେଷ୍ଠ ମାଛ ସେଗୁଡ଼ିକ ଖାଇ ବଞ୍ଚନ୍ତି । ବଡ଼ମାଛସବୁ ସାନ ସାନ ମାଛଙ୍କୁ ଖାଆନ୍ତି । ଏମିତ ଚାଲିଥାଏ ।

ଜୀବନର ଶିକୁଳି ଏମିତ ଲାଗି ରହିଛି । ପରସ୍ପର ନିର୍ଭର-ଶୀଳ ହୋଇ ବଞ୍ଚୁଥାନ୍ତି । ବଞ୍ଚିଥିଲା ବେଳେ ତ ଏଇସବୁ ଜୀବଜନ୍ତୁ ଓ ଗଛଲତା ଖାଦ୍ୟ ରୂପେ ବ୍ୟବହୃତ ହୁଅନ୍ତି । ମରିଗଲା ପରେ ସେଗୁଡ଼ିକ ପଚି ସଢ଼ିଯାଏ । ସେସବୁ ସମୁଦ୍ର ପାଣିରେ ଲୁଣ ଆଉ କେତେ ପ୍ରକାର ରାସାୟନିକ ପଦାର୍ଥ ସହିତ ମିଶିଯାଏ । ତାହା ପୁଣି ନୂଆ ଜୀବନ ପାଇଁ ଦରକାର ପଡ଼େ ।

ଉତ୍ତର ମେରୁ ଓ ଦକ୍ଷିଣ ମେରୁ ନିକଟବର୍ତ୍ତୀ ସମୁଦ୍ରରେ ବହୁତ ଶିଉଳି ବଢ଼ିଥାଏ । ସେଥିପାଇଁ ଆଇସଲ୍ୟାଣ୍ଡ, ନିଉ-ଫାଉଣ୍ଡଲ୍ୟାଣ୍ଡ ଆଦି ଦେଶଗୁଡ଼ିକରେ ଖୁବ୍ ବେଶୀ ମାଛ ଧରାଯାଇଥାଏ । ଦକ୍ଷିଣ ମେରୁ ସମୁଦ୍ରରେ ସବୁଠୁଁ ବଡ଼ ଜୀବ ନୀଳ ତିମି ଦେଖାଯାଏ । ପ୍ରଚୁର ଜଳଜୀବ ସେଠାରେ ରହୁଥିବାରୁ ଏତେ ବଡ଼ ଜୀବର ଖାଇବା ଚିନ୍ତା ମଧ୍ୟ ନଥାଏ । ତାକୁ ଯେତେବେଳେ ଭୋକଲାଗେ, ସେ ଖାଲି ପାଟି ମେଲିଇ ପଡ଼ିଲେ ହେଲା । ଯେତେବେଳେ ତା ପାଟି ଭିତରକୁ ପାଣି ପଶେ; ତା ସାଥିରେ ଯାଏ ଭିତରକୁ ପ୍ରଚୁର ମାଛ, କଙ୍କଡ଼ା ପ୍ରଭୃତି ଜଳଜୀବ ।

ଅନ୍ୟ ଉଷ୍ମ ସମୁଦ୍ରରେ ମଧ୍ୟ ପ୍ରଚୁର ଶିଉଳିଜାତୀୟ ଉଦ୍ଭିଦ ଦେଖାଯାଏ । ତା ସାଥିରେ ଦେଖାଯାଏ ପ୍ରଚୁର ମାଛ ଓ ଅନ୍ୟାନ୍ୟ ଜଳଜୀବ । କିନ୍ତୁ ଅଧିକାଂଶ ଅଞ୍ଚଳରେ ଏଯାଏ ମାଛ ଶିକାର ହୋଇନାହିଁ । ତେଣୁ ଆମର ବହୁ ମୂଲ୍ୟବାନ ଖାଦ୍ୟ-

Digitized by srujanika@gmail.com

ପଦାର୍ଥ ସମୁଦ୍ର ଭିତରେ ନଷ୍ଟ ହୁଏ । ଅଥଚ ଏଇସବୁ ସମୁଦ୍ର କୂଳରେ ଅଧିକାଂଶ ଦେଶ ଗ୍ରୋକଲ୍ଲ ! ସେଠାରେ ଅନେକ ଲୋକ ପ୍ରତିଦିନ ପେଟପୂରା ଖାଇବାକୁ ପା'ନ୍ତି ନାହିଁ ।

ଶିଉଳିରୁ ଖାଦ୍ୟସାର-

ବହୁ ଦେଶରେ ପ୍ରୋଟିନ୍ ବା ଜୀବସାରର ବିଶେଷ ଅଭାବ ପଡ଼ିଥାଏ । ଏହା ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ । ଆମ ଦେହ ଗଠନ ଓ ରକ୍ଷଣାବେକ୍ଷଣ ପାଇଁ ଏହା ଖୁବ୍ ଦରକାର । ମାଛ, ମାଂସ ପ୍ରଭୃତିରେ ବହୁ ଖାଦ୍ୟସାର ଥାଏ । ବିଭିନ୍ନ ଦେଶର ଯେଉଁ ଦୁର୍ବଳ ଗ୍ରୋକଲ୍ଲ ଲୋକଙ୍କ କଥା ଆମେ ଦେଖୁ, ଜୀବସାର ଅଭାବ ଯୋଗୁଁ ଏମିତି ହୋଇଥାନ୍ତି ।

ମାଛରୁ ବେଶୀ ଜୀବସାର ମିଳେ । ଦରିଦ୍ର ଓ ଅନୁନ୍ନତ ଦେଶଗୁଡ଼ିକ ଏଇ ସମ୍ପଦର ସଦୁପଯୋଗ କରିବା ଉଚିତ । ଆଜିକାଲି ସମୁଦ୍ରରୁ ମାଛ ଧରିବାର ନାନା ଉପାୟ ବାହାର କରାଗଲାଣି । ଗଭୀର ସମୁଦ୍ରକୁ ଯାଇ ଲୋକେ ଜାହାଜ ଓ ଯନ୍ତ୍ରପାତି ସାହାଯ୍ୟରେ ପ୍ରଚୁର ମାଛ ଶିକାର କଲେଣି । ସେଥିପାଇଁ ଦେଶ ଦେଶ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ପରସ୍ପର ବିବାଦ ଓ ଗଣ୍ଡଗୋଳ ମଧ୍ୟ ମୁଣ୍ଡ ଟେକିଲାଣି ।

ଶିଉଳିରୁ ସୁସ୍ୱାଦ ଓ ସାରବାନ୍ ଖାଦ୍ୟ

ସମୁଦ୍ର ଶିଉଳିରୁ ମଧ୍ୟ ଆଜିକାଲି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହେଲାଣି । ଜାପାନ ଦେଶରେ କେତେପ୍ରକାରର ଶିଉଳିକୁ

Digitized by srujanika@gmail.com

ଲୋକମାନେ ଅତି ପ୍ରିୟ ଖାଦ୍ୟ ରୂପେ ବ୍ୟବହାର କରନ୍ତି। ସମୁଦ୍ର ପାଣିରେ ଆମେ ଯାହାକୁ ଦଳ ବା ଶିଉଳି ବୋଲି କହି



(ବିଭିନ୍ନ ପ୍ରକାର ସାଗର ଶିଉଳି)

ଘୃଣା କରୁଥିଲୁ, ଆଜି ସେଥିରୁ ସୁମିଷ୍ଟ ଓ ସାରବାନ୍ ଖାଦ୍ୟ ପ୍ରସ୍ତୁତ ହେଉଛି ।

ସମୁଦ୍ର ଦଳରୁ ଭାରତରେ ବିଶେଷତଃ ଗୁଜୁରାଟ, ତାମିଲନାଡ଼ୁ ପ୍ରଭୃତି ପ୍ରଦେଶରେ ଏକପ୍ରକାର "ଜାଉ" ତିଆରି କରି ଅନେକେ ଖା'ନ୍ତି । ବୈଜ୍ଞାନିକମାନେ ନାନା ପ୍ରକାର ପରୀକ୍ଷା କରି ସମୁଦ୍ର ଦଳ ଓ ଶିଉଳିରୁ ସାରବାନ୍ ଖାଦ୍ୟ ଓ ଔଷଧ ତିଆରି କରୁଛନ୍ତି ।

କେତେକ ଦେଶରେ ଏକପ୍ରକାର ସମୁଦ୍ର ଶିଉଳକୁ "ସାଲାଡ଼" ଭାବରେ ବ୍ୟବହାର କରାଯାଏ । ଜାପାନ, ହାଓ୍ୱାଇ ପ୍ରଭୃତି କେତେକ ଦେଶର ଲୋକ ଖାଦ୍ୟଉପରେ ନାଲି ରଙ୍ଗର ଶିଉଳି ଗୁଣ୍ଡ ଛିଞ୍ଚି ଖୁବ୍ ଆନନ୍ଦରେ ବ୍ୟବହାର କରନ୍ତି । ସେମାନେ "ପାଣି ଗୃଷ" କରି ଏଇ ଜାତୀୟ ଶିଉଳି ଦା ଦଳକୁ ବଢ଼ାନ୍ତି । ସମୁଦ୍ରକୂଳିଆ ଜାପାନୀମାନେ ଏହାକୁ "ନୋରୀ" କହନ୍ତି । ଏଗୁଡ଼ିକ ଦେଖିବାକୁ ଅଳ୍ପ ନାଲି ଏବଂ ଖଣ୍ଡ ଖଣ୍ଡ ଆକାରରେ ବିକ୍ରୀ କରାଯାଏ । ଦିନକୁ ଦିନ ଏଇ ଖାଦ୍ୟର ଆଦର ବଢ଼ିବାରେ ଲାଗିଛି ।

ସମୁଦ୍ର ଧନରତ୍ନର ଭଣ୍ଡାର । କିନ୍ତୁ ଆମ ଦୁନିଆର ଲୋକସଂଖ୍ୟା ବଢ଼ିବା ଦୃଷ୍ଟିରୁ ଏଥିରୁ ଖାଦ୍ୟ ସଂଗ୍ରହ କରିବା ନିତାନ୍ତ ଜରୁରୀ । ମାଛଠାରୁ ଶିଉଳି ଯାଏ ସମୁଦ୍ରରୁ ଏସବୁ ସଂଗ୍ରହ କରି ମଣିଷ ନିଜର ଖାଦ୍ୟ ଅଭାବ ଦୂର କରିପାରିବ ।

—o—

Digitized by srujanika@gmail.com

ବାୟାର କି ଯାଏ !

ଶୁଭାଶିଷ ଆଉ ଶୁଭଶ୍ରୀ । ଦୁଇ ଭାଇଭଉଣୀ । ଭାଇଟି ବଡ଼, ଭଉଣୀଟି ସାନ । ସହରରେ ରହନ୍ତି । ଲମ୍ବା ଛୁଟିଗୁଡ଼ିକରେ ଗାଁ'କୁ ବୁଲି ଯାଆନ୍ତି । ଗାଁରେ ଶାଗୁଆ ଗଛଲତା, ଖୋଲାପବନ, ନଈପୋଖରୀ ସେମାନଙ୍କୁ ଭାରି ଭଲ ଲାଗେ । ପାଚିଲା ଆମ୍ବ, ପଣସ କି ପଜିଳି ଅବା ଟଟ୍‌କା ମାଛର ଭଜା ସେମାନଙ୍କୁ ଖୁବ୍ ମଜା ଲାଗେ ।

ଗଲା ଦଶହରା ଛୁଟିରେ ଶୁଭାଶିଷ ଓ ଶୁଭଶ୍ରୀ ବାପାଙ୍କ ସାଙ୍ଗରେ ଗାଁକୁ ଗଲେ । ବାପାଙ୍କ ସହିତ ଗଲେ ବହୁତ ନୂଆ ନୂଆ କଥା ଦେଖିବାକୁ ଆଉ ଶୁଣିବାକୁ ସୁବିଧା ହୁଏ । କେଉଁଠି ସେମାନେ ବୁଝି ନ ପାରିଲେ ବାପା ବୁଝାଇ ଦିଅନ୍ତି । ସେମାନେ ବହି ପଢ଼ି ଯେଉଁ କଥା ଜାଣି ନ ପାରନ୍ତି, ବୁଲିବୁଲି କରି ନିଜ ଆଖିରେ ଦେଖି ତା' ଜାଣିପାରନ୍ତି ।

Digitized by srujanika@gmail.com

ସେଦିନ ସକାଳୁ ଉଠି ସେମାନେ ଗାଁ-ମୁଣ୍ଡ ନଈକୁ ଗାଧୋଇ ଗଲେ । ଡେଙ୍ଗା ଡେଙ୍ଗା ଗଛଗୁଡ଼ିକ ସେମାନଙ୍କ ଆଖିରେ ପଡ଼ିଲା । ଗଛର ବାହୁଙ୍ଗାରୁ ଲମ୍ବାଲମ୍ବା ହୋଇ କେତେ କ'ଣ ଝୁଲୁଥାଏ । ଶୁଭଶ୍ରୀ ପଚାରିଲା—"ବାପା, ସେଗୁଡ଼ିକ କ'ଣ ଫଳ ?"

ବାପା ହସିଉଠିଲେ । ଶୁଭାଶିଷ ବି ମୁରୁକିହସା ଦେଲା ।

ବାପା କହିଲେ—"ସେଗୁଡ଼ିକ ଫଳ ନୁହେଁ, ଗୋଟିଏ ଜାତିର ଚଢ଼େଇଙ୍କ ଲସା ।"

ଶୁଭଶ୍ରୀ ଏ କଥା ଶୁଣି ଅବାକ୍ ହୋଇଗଲା । ପଚାରିଲା—"କେଉଁ ଚଢ଼େଇ ?"

ବାପା କହିଲେ—"ବାୟା ଚଢ଼େଇ । ସେମାନେ କେବଳ ତାଳ ଗଛରେ ନୁହେଁ, ଅନ୍ୟ ଡେଙ୍ଗା ଗଛରେ, ଏପରି କି ଟେଲିଗ୍ରାଫ୍ କି ବିଜୁଳି ତାରରେ ବି ଏମିତି ବସା ତିଆରି କରନ୍ତି । ବସାଗୁଡ଼ିକ କାକୁଡ଼ି କି ଡିଙ୍ଗିଆ ନାଉ ପରି ଦେଖା ଯାଉଥାଏ ।"

ବାପା ତାଙ୍କୁ ତାଳଗଛଗୁଡ଼ିକ ପାଖକୁ ଡାକିନେଲେ । ତଳେ ଗୋଟିଏ ବସା ଖସିପଡ଼ିଥିଲା ।

ବାପା ତାକୁ ଉଠାଇ ଆଣି ଦେଖାଇ କହିଲେ—"ଦେଲେ ଦେଖ, ବାୟା ଚଢ଼େଇର କାରିଗରୀ ।"

Digitized by srujanika@gmail.com

ପିଲାମାନେ ହାତରେ ଧରି ଦେଖିଲେ । କହିଲେ—"ସତେ ତ ! ଲୁଗା କି ଝୋଟକେଇ ବୁଣା ପରି କାମ ତ ଏଥିରେ ହୋଇଛୁ । ଏଇ ବୁଣାବୁଣି କାମ, ମଣିଷ ବାୟା ଚଢ଼େଇଠାରୁ ନା ବାୟା ଚଢ଼େଇ ମଣିଷଠାରୁ ପ୍ରଥମେ ଶିଖିଛି ?"

ବାପା ହସିକରି କହିଲେ—"ଏ କଥା ଠିକ୍ କରି କହିବା ସହଜ ନୁହେଁ । ତେବେ ମଣିଷ ତ ଜୀବଜନ୍ତୁଙ୍କଠାରୁ ଅନେକ କଥା ଶିଖିଛି । ଚଢ଼େଇ ଉଡ଼ିବା ଦେଖି ମଣିଷ ଆକାଶରେ

ଉଡ଼ିବାକୁ ମନ କଲା । ତା'ପରେ ଚେଷ୍ଟାକରି ଚଢ଼େଇଙ୍କ ପରି ଉଡ଼ିଲା । ତେଣୁ ମଣିଷ ବାୟାଚଢ଼େଇଠାରୁ ପ୍ରଥମେ ବୁଣାବୁଣି ଶିକ୍ଷା କରିଥିବା ଅସମ୍ଭବ କାହିଁକି ହେବ ।"

Digitized by srujanika@gmail.com

ଶୁଭ୍ରଶିଷ ପଚାରିଲା—"ବାପା, ବାୟା ଚଢ଼େଇ କ'ଣ ଏକା ଏତେ ସୁନ୍ଦର ବସା ତିଆରି କରେ ନା ତାକୁ ଆଉ କିଏ ସାହାଯ୍ୟ କରନ୍ତି ?"

ବାପା କହିଲେ—"ଆମେ ସିନା ଘର ତିଆରି କଲେ, ମିସ୍ତ୍ରୀ, ମୂଲିଆ, ବଢ଼େଇ ପ୍ରଭୃତି କେତେ ଲୋକ ସାହାଯ୍ୟ କରନ୍ତି । ଚଢ଼େଇ ବିଚାରିକୁ କିଏ ସାହାଯ୍ୟ କରିବ ? ତେବେ ତାକୁ ତା' ସ୍ତ୍ରୀ ବି ସାହାଯ୍ୟ କରେ ନାହିଁ । ପିଲାମାନେ ତ ହୋଇ ନ ଥା'ନ୍ତି । ତେଣୁ ଅଣ୍ଡିରା ବାୟାଚଢ଼େଇ ଏକା ଲାଗିପଡ଼ି ବସା ତିଆରି କରେ ।"

ସେ ପୁଣି କହିଲେ—"ବର୍ଷାଦିନ ପରେ ବାୟାଚଢ଼େଇମାନେ ବସା ତିଆରି ଆରମ୍ଭ କରନ୍ତି । ଗୋଟିଏ ଗୋଟିଏ ଜାଗାରେ ଦଶ ପନ୍ଦରରୁ ଶହେ ଦେଢ଼ଶହ ପର୍ଯ୍ୟନ୍ତ ବସା ତିଆରି ହୋଇଯାଏ । ପ୍ରତ୍ୟେକ ବସା ପୁଣି ଦୁଇ ତିନିମହଲା । ଘାସ, ତାଳପତ୍ର, ଆଖୁ ବା ଧାନପତ୍ର ଆଦିରେ ସେଇ ବସାଗୁଡ଼ିକ ଗଢ଼ାଯାଏ ।

ବସାରେ ଗୋଟିଏ ମହଲାରେ ବାୟା ଚଢ଼େଇ ଅଣ୍ଡାଗୁଡ଼ିକ ସାଇତି ରଖେ । ସେଇ ଅଣ୍ଡା ରଖିବାକୁ ପୁଣି କଅଁଳପତ୍ର, ଘାସ ଆଉ ପକ୍ଷୀପରରେ ନରମ କରି କରାଯାଇଥାଏ । ବସା ବେଶୀ ହାଲୁକା ହେଲେ ଖାଲି ଏପଟ ସେପଟ ହେବ ବୋଲି କାଦୁଅ ଲେପି ତାକୁ ଟିକିଏ ଓଜନିଆ କରିବାକୁ ବାୟାଚଢ଼େଇ ଚେଷ୍ଟା କରେ । ସେଇ ବସା ଏତେ ଟାଣ ଓ ମଜବୁତ୍ ହୋଇଥାଏ ଯେ ଯେତେ ଝଡ଼ବର୍ଷା ହେଲେ ସୁଦ୍ଧା ଝୁଲୁଥାଏ, ଆଉ ସହଜରେ

Digitized by srujanika@gmail.com

ଛାଡ଼େ ନାହିଁ । ସେଥିପାଇଁ ଗୋଟିଏ କଥା ଅଛି "ବାୟାର କ ଯାଏ, ବାଆ କଲେ ବସା ଦୋହଲୁଥାଏ ।"

ଭାଇଭଉଣୀ ଦୁହେଁ ତାଳଗଛ ଉପରକୁ ଚାହିଁଲେ । ସତେ ତ, କେତେ ବାୟା ସେମାନଙ୍କ ବସାରେ ବସି ଦୋଳି ଖେଳୁଥାନ୍ତି । ସେମାନେ କହିଲେ--"ସତେ ବାପା, ବାୟାର କି ମଜା ! ତା ସ୍ତ୍ରୀ ପିଲାମାନେ କ'ଣ ତା ଭିତରେ ଥିବେ ?"

ବାପା କହିଲେ—"ହଁ, କିଏ ଜାଣେ ? ଥାଇପାରନ୍ତି, ନ ଥାଇ ବି ପାରନ୍ତି । ଅନେ ଅନେ ବାୟା ଅଧା ବସା

Digitized by srujanika@gmail.com

ତିଆରି କରେ । ମାଈ ବାୟାଚଢ଼େଇକୁ ପଚାରି ତାକୁ ପରୀ କରେ । ବର୍ଷେବର୍ଷେ ବାୟା ପୁରୁଣା ବସାରେ ଚାଲିଯାଏ, ଆଉ ଥରେଥରେ ଦଶ ବାରଟା ବସା ବି ତିଆରି କରିବାକୁ ପଡ଼େ । ବେଳକାଳ ଦେଖି ସେ ଏହା କରିଥାଏ ।"

ଶୁଭାଶିଷ ଓ ଶୁଭଶ୍ରୀ ବାପାଙ୍କଠାରୁ ବାୟାଚଢ଼େଇର ବସା ତିଆରି କଥା ଶୁଣି ଆଉ ନିଜ ଆଖିରେ ବାୟାର କାରିଗରୀ ଦେଖି ବହୁତ ଖୁସି ହେଲେ ।

ଶୁଭାଶିଷ ପଚାରିଲେ—"ବାପା ! ବାୟାଚଢ଼େଇ ପରି ଆଉ କେଉଁ ଚଢ଼େଇ ଏମିତି ସୁନ୍ଦର ବସା ତିଆରି କରନ୍ତି ?"

ବାପା କହିଲେ—"ଆମ ଦେଶରେ ଆଉ ଅନ୍ୟ ଦେଶରେ ଏମିତି ଚଢ଼େଇ ଅଛନ୍ତି, ଯେଉଁମାନେ ବହୁ ଦିନ ଲାଗି କେତେ କୌଶଳରେ ସେମାନଙ୍କର ବସା ତିଆରି କରନ୍ତି । ସେସବୁ ଦେଖିଲେ ମଣିଷଙ୍କଠାରୁ ବି ସେମାନଙ୍କର ବୁଦ୍ଧି ଓ କାରିଗରୀ ଅଧିକ ବୋଲି ମାନିବାକୁ ହେବ । ପରେ କେବେ ମୁଁ ଆଉ କେତେକ ଚଢ଼େଇଙ୍କ ବସା ତିଆରି କଥା କହିବି ।"

Digitized by srujanika@gmail.com

ଶୁଭଶିଷ ପଚାରିଲା—"ବାପା, ଆମ ଦେଶରେ ସବୁ ପକ୍ଷୀ ଏମିତି କ'ଣ ବସା ତିଆରି କରନ୍ତି ନା ବିନା ବସାରେ କେତେକ ଚଳିଯା'ନ୍ତି । ମୁଁ ତ ଦେଖିଛି ପାରାମାନେ ଦେଉଳ ସନ୍ଧିରେ ଆଉ ଘର କାନ୍ଥ ଉପରେ ରହିଥାନ୍ତି । ବସା କମା କରନ୍ତି ନାହିଁ ।"

ବାପା କହିଲେ, "ହଁ, ଏମିତି ବି ଅଳସୁଆ ଚଢ଼େଇ ଅନେକ ଅଛନ୍ତି । କୋଇଲି ପରି ଏଡ଼େ ସୁନ୍ଦର ଗାୟକ ପକ୍ଷୀ ମଧ୍ୟ ବସା ତିଆରି ନ କରି କୁଆ କିମ୍ବା ରବନ୍ ବସାରେ ଅଣ୍ଡା ରଖିଦିଏ । ଥରେଥରେ ନିଜ ଅଣ୍ଡା ରଖିବାକୁ ସେ କୁଆ ଓ ରବନ୍ଙ୍କ ଅଣ୍ଡାକୁ ବସା ତଳକୁ ଫିଙ୍ଗି ଦିଏ । ଏମିତିକି ଅଣ୍ଡାରୁ ଫୁଟି କୋଇଲି ଛୁଆମାନେ କୁଆ ଆଉ ରବନ୍ ଛୁଆମାନଙ୍କୁ ବସାରୁ ତଡ଼ି ଦିଅନ୍ତି ।"

ଶୁଭଶ୍ରୀ କହିଲା -"ବାପା, ବାହାର ଦେଶର କେତେକ ଚଢ଼େଇଙ୍କ ବସା ତିଆରି କଥା କହିଲ, ଭାରି ମଜା ଲାଗିବ ।"

Digitized by srujanika@gmail.com

ବାପା କହିଲେ—"ଦକ୍ଷିଣ ଆଫ୍ରିକାରେ ଉଇଭର ବା ତନ୍ତ୍ରୀ ନାମକ ଗୋଟିଏ ଜାତିର ଚଢ଼େଇ ଅଛନ୍ତି । ସେମାନେ ସିନା ସାନ, ଧିରି କୌଶଳରେ ବଡ ବଡ଼ ବସା ତିଆରି କରିଥାନ୍ତି । ଗୋଟିଏ ଗୋଟିଏ ବସା ଦଶ ଫୁଟ ଉଚ ଆଉ ପନ୍ଦର ଫୁଟ ଲମ୍ବା ହୋଇଥାଏ । ଦୂରରୁ ଦେଖିଲେ ଗୋଟିଏ ଗୋଟିଏ କୁଡ଼ିଆପରି ଦେଖାଯାଏ । ତାର ଛାତ କୁଡ଼ାରେ ଛପର ହୋଇଥାଏ । ପାଣି ଗଳିପାରେ ନାହିଁ । ତାରି ତଳେ ହଜାରକୁ ହଜାର ଚଢ଼େଇ ନିଜ ପାଇଁ ଛୋଟ ଛୋଟ ବସା ଗଢ଼ି ରହନ୍ତି ।

ଆଉ ଏକପ୍ରକାର ଚଢ଼େଇ ଥା'ନ୍ତି । ସେମାନଙ୍କର ନାଁ ରେନ୍‌ଓ୍ୱାବଲର । ସେମାନେ ଗୋଟିଏ ବସା କରି ସନ୍ତୁଷ୍ଟ ହୁଅନ୍ତି ନାହିଁ । ଗୋଟିଏ ଗୋଟିଏ ଚଢ଼େଇ ତିନିପ୍ରକାର ବସା ତିଆରି କରିଥାଏ । ପ୍ରତ୍ୟେକ ବସା ତିଆରିରେ ଅଲଗା ଅଲଗା ବାହାଦୁରୀ ଦେଖାଇଥାଏ । କେତେକ ଚଢ଼େଇ ସେମାନଙ୍କ ବସା ପୂରା କାଦୁଅରେ ତିଆରି କରେ । ସାର୍ଲେ ଓ ମାର୍ଟିନର୍ ଚଢ଼େଇଗୁଡ଼ିକ ଟିକି ଥଣ୍ଟରେ କାଦୁଅ ଟିକିଏ ଟିକିଏ ନେଇ ବସା ତିଆରି କରନ୍ତି । ଅଷ୍ଟ୍ରେଲିଆର ଏକ ଚଢ଼େଇ ମଡ଼ଲାର୍କ କାଦୁଅରେ ଥାଳ ଆକାରରେ ସୁନ୍ଦର ବସାମାନ ତୋଳିଥାଏ । ଗଛଡାଳରେ ସେଗୁଡ଼ିକ ଝୁଲିଲାବେଳେ ଖୁବ୍ ସୁନ୍ଦର ଦିଶେ ।

—o—

Digitized by srujanika@gmail.com

କିଏ କିମିତି ବସା ବାନ୍ଧେ ?

ଥରେ ଥରେ ଆଈବୁଢ଼ୀ ଗ୍ଲେଟଗ୍ଲେଟ ନାତିନାତୁଣୀଙ୍କ ମଉଜଆ ପ୍ରଶ୍ନ ପଚାରି ଦିଅନ୍ତି—

"ଉପରୁ ପଡ଼ିଲା ଟୋକାଟିଏ
ମୁଣ୍ଡରେ ତାର ଟୋପିଟାଏ । କଣ କହିଲ ପିଲେ ?"

ପିଲାମାନଙ୍କର ଟିକଟିକ ମୁଣ୍ଡ ଘୂରିଯାଏ । ସେମାନେ ତଳ୍ଟ ଉପର ଭାବିଯାଆନ୍ତି, ହେଲେ କିଛି କହିପାରନ୍ତି ନାହିଁ । ଆଈବୁଢ଼ୀ ଆଉ ଗୋଟିଏ ପ୍ରଶ୍ନବାଣ ମାରନ୍ତି । ଆଚ୍ଛା ପିଲେ କହିଲ—

"ମାମୁଁ ଘର ଗୋଠେ ଗାଈ
ରାତି ପାହିଲେ ଗୋଟେ ନାହିଁ !"

ପିଲାଏ ବଡ଼ ଅକଡ଼ରେ ପଡ଼ିଯାନ୍ତି । ଭାବି ଭାବି ମଥା ଘୂରିଯାଏ । ଆଈବୁଢ଼ୀ ପୁଣି ବାହାଦୁରୀ ଦେଖାଇ ଆଉ ଏକ ପ୍ରଶ୍ନ ପଚାରି ଦିଅନ୍ତି—"ଏଇଠି ଅଛି, ସାତ କିଆବାଡ଼ ବୁଲି ଆସୁଚି ।"

Digitized by srujanika@gmail.com

ଶେଷରେ ଆଈବୁଢ଼ୀ ମୁରୁକି ହସି ଉତ୍ତର ଦିଅନ୍ତି—"ପିଲାଏ, ତମେ ସବୁ ହାରିଗଲ । ଶୁଣ, ଉତ୍ତରସବୁ ହେଲା - ତାଳ, ତାରି ଆଉ ପବନ ।"

ନାତି ନାତୁଣୀମାନେ ଆବାକାବା ହୁଅନ୍ତି । ବୁଝି ନପାରିଲେ ଆଈ ବୁଝାଇ ଦିଅନ୍ତି । ଏବେ ହେଉଁକିବେଳେ ବଡ଼ନାତି ରବୀନ୍ ସେଠାରେ ଆସି ପହଞ୍ଚିଗଲେ । ସେ ହାଇସ୍କୁଲରେ ପାଠ ପଢ଼ନ୍ତି । ସେ ବଡ଼ ଜୋର୍‌ରେ କହିଲେ—"ଆଚ୍ଛା, ଏବେ ଆଈ ମୁଁ ଗୋଟିଏ ପ୍ରଶ୍ନ ପଚାରୁଚି, କହିଲୁ ଦେଖି !

"ହାତ ନାହିଁ, ହତିଆର ନାହିଁ
କେଡ଼େ ସୁନ୍ଦର ଘର ତୋଳଇ !"

ଆଈବୁଢ଼ୀ ବଡ଼ ଧନ୍ଦେଲିଣିରେ ପଡ଼ିଲେ । କେତେ ଚିନ୍ତା କଲେ । କହିଲେ -"ଆଚ୍ଛା କଥା ପଚାରିଲୁ । ହାତ ହତିଆର ନାହିଁ, ପୁଣି କେଡ଼େ ସୁନ୍ଦର ଘର ତୋଳିପାରେ ? କିଏ ? କିମିତି !!"

ଶେଷରେ ଆଈବୁଢ଼ୀଙ୍କର ହଡ଼ବଡ଼ିଆ ଅବସ୍ଥା ଦେଖି ରବୀନ୍ କହିଲେ—"ଏବେ ଆଈ ତୁ ହାର ମାନିଲୁ । ମୁଁ କହୁଛି ଶୁଣ—ଚଢ଼େଇ । ସେ କେଡ଼େ ସୁନ୍ଦର ବସା ଗଢ଼େ । ତାର କ'ଣ ହାତହତିଆର କିଛି ଅଛି ?"

ଆଈବୁଢ଼ୀ ପାକୁଆ ପାଟି ମେଲେଇ ହସିଦେଲେ । କହିଲେ -"ସତେ ତ । ହେଲେ ତୁ କେଉଁ ଚଢ଼େଇ କଥା କହୁଚୁ, କହିଲୁ ?"

-"ଆଲୋ ଆଈ, କେଉଁ ଚଢ଼େଇ କଥା କହିବ ? ଅଧିକାଂଶ ଚଢ଼େଇ ତ ଗୋଟିଏ ଗୋଟିଏ କାରିଗର । ଏଇ

Digitized by srujanika@gmail.com

ସାଧାରଣ କାଉ ବସା କେଡ଼େ ମଜବୁତ୍, କେଡ଼େ ସୁନ୍ଦର ! ସେ ତା'ର ବସାଟିକୁ ଚା' କପ୍‌ଟିଏ ପରି ଗଢ଼େ । ତାହା



ଗହୀରିଆ ଆଉ ତା ଉପର ଖୋଲା । ତା ଭିତରେ ଚଢ଼େଇ ପର, ବାଳ, ନରମ କାଠି ପତର ରଖି କାଉ ଖୁବ୍ ନରମ କରିଦିଏ । ଅଣ୍ଡା ଆଉ ଛୋଟ ଛୁଆମାନେ ଏଇ ବସାଭିତରେ ଆରାମରେ ରହିପାରନ୍ତି । ସେ ସବୁ ସହଜରେ ଖସିପଡ଼ନ୍ତି ନାହିଁ ।

ସେମିତି ପାଣି ଉପରେ ଡାହୁକ, ଦଳପିମ୍ପୁଡ଼ି, ପାତିହଂସ ଆଦି ଚଢ଼େଇ ବସା ତିଆରି କରନ୍ତି । ଭାସୁଥିବା ଦଳ ଆଉ ଶିଉଳ ଉପରେ ସେମାନେ ଛୋଟ ଛୋଟ ବସା ଗଢ଼ନ୍ତି । ଶୁଖିଲା ଡାଳପତ୍ରପରି ତାହା ବାହାରୁ ଦେଖାଯାଉଥାଏ । ବାପମାଆ ଚଢ଼େଇ କୁଆଡ଼େ ଗଲେ ଅଣ୍ଡାଗୁଡ଼ିକୁ ଦଳ ଆଉ ଶିଉଳ ପୁଳାଏ ଘୋଡ଼େଇ ଦେଇଯାଆନ୍ତି । ସେମାନଙ୍କ ବସା ସେମିତି ପାଣି ଉପରେ ଭାସୁଥାଏ ।

Digitized by srujanika@gmail.com

ଆଉ ଏକ ପାଣି ଚଢ଼େଇ ଫିଜର ଟେଲ ଜକାନା ପାଣି ଉପରେ ତାର ବସା ବାନ୍ଧିଥାଏ । ଏଇ ବସା ନାଆ ଭଳି ପାଣି ଉପରେ ଭାସି ବୁଲୁଥାଏ ।

ସାନ ସାନ ପିଲାଏ ପଚାରିଲେ—"ଭାଇ, ଆଉ ପାଣି ଉପରେ ଯେଉଁ ଚଢ଼େଇମାନେ ରହନ୍ତି, ସେମାନେ କିପରି ବସା କରନ୍ତି କହିଲ ?"

ରବୀନ୍ କହିଲେ—"ତେଣେଇ, କାଣ୍ଡିଆବଗ ଆଦି ପକ୍ଷୀମାନେ ପୋଖରୀ କୂଳରେ ଚଲୁଥିଲେ ବି ବସା ନ ତୋଳି ଚଳିଯା'ନ୍ତି । ସେମାନେ ଭୂଇଁ ଉପରେ ଡିମ୍ବ ଦିଅନ୍ତି । ଡିମ୍ବଗୁଡ଼ିକର ରଙ୍ଗ ସେଠାରେ ଥିବା ଭୂଇଁ ବା କାଠିପତର ରଙ୍ଗ ସହିତ ପ୍ରାୟ ମିଶିଯାଏ ତେଣୁ ଅନ୍ୟ କେହି ସହଜରେ ସେଗୁଡ଼ିକୁ ଜାଣିପାରେ ନାହିଁ ଖୁବ୍ ବେଶୀହେଲେ ଏଇ ଚଢ଼େଇମାନେ ପାଣି ପାଖରେ ଥିବା ପଥର ଉପରେ ଗ୍ରେଷ୍ଟ ଗୋଡ଼ି, ଶାମୁକା ଆଦି ଜମେଇ ଦିଅନ୍ତି । ତାରି ଉପରେ ସେମାନେ ଡିମ୍ବ ଦିଅନ୍ତି ।"

ପିଲାଏ ପଚାରିଲେ—"ଭାଇ, ସେଇ ଡିମ୍ବଗୁଡ଼ିକୁ ଅନ୍ୟମାନେ ଭାଙ୍ଗି ଦେଉଥିବେ କି କୁଆଡ଼େ ଫିଙ୍ଗି ଦେଉଥିବେ ?"

ରବୀନ୍ କହିଲେ—"ଠିକ୍ କଥା ପଚାରିଲ । ତାହା ତ ହେବା ସ୍ୱାଭାବିକ; ହେଲେ, ମାଈ ଚଢ଼େଇ ଅଣ୍ଡା ଉଷୁମେଇବା କାମ କରିଥାଏ । ଅଣ୍ଡିରା ଚଢ଼େଇ ତାକୁ ସବୁପ୍ରକାର ସାହାଯ୍ୟ କରେ । ଯେତେବେଳେ ମାଈ ଚଢ଼େଇ ଖିଆପିଆ କରିବାକୁ ଆଉ ଗୋଡ଼ ହାତ ଖେଳେଇବାକୁ ଯାଏ, ସେତେବେଳେ ଅଣ୍ଡିରା ଚଢ଼େଇ ଅଣ୍ଡାଗୁଡ଼ିକ ଉପରେ ବସିରହେ ।"

Digitized by srujanika@gmail.com

ଈଗଲ, ଚିଲ, ଶାଗୁଣା ଆଦି ପକ୍ଷୀମାନେ ଖୁବ୍ ଉଚ୍ଚ ଗଛ ଉପରେ ସେମାନଙ୍କର ବସା ତିଆରି କରନ୍ତି । ସେମାନଙ୍କ ବସା ତିଆରିରେ ବେଶୀ କିଛି କାରିଗରୀ ନ ଥାଏ । ହେଲେ, ସେମାନେ ବଡ଼ ବଡ଼ କାଠିପତ୍ରର ବ୍ୟବହାର କରି ବସାକୁ ଖୁବ୍ ମଜବୁତ୍ କରିଥାନ୍ତି । ସେମାନଙ୍କ ବସା ଅଧିକ ନିରାପଦ ଥିବା ଯୋଗୁଁ ସେମାନେ ଅଳ୍ପ ଅଣ୍ଡା ଦେଇଥାନ୍ତି । ଈଗଲ ତ ଗୋଟିଏରୁ ଗ୍ଟରିଟିଯାଏ ଅଣ୍ଡା ଦେଇଥାଏ ।

କାଠହଣା, ମାଛରଙ୍କା, ପେଚା ଆଦି ଚଢ଼େଇସବୁ ନିଜ ନିଜ ବସାର ଉପର ଘୋଡ଼ାଇଥାନ୍ତି । ତେଣୁ ଅନ୍ୟ ଚଢ଼େଇ ପରି ସେମାନେ ରଙ୍ଗବେରଙ୍ଗର ଅଣ୍ଡା ଦିଅନ୍ତି ନାହିଁ । ସେମାନଙ୍କ ଅଣ୍ଡାଗୁଡ଼ିକ ପୂରା ଧଳା ହୋଇଥିବାରୁ ଅନ୍ଧାରରେ ମଧ୍ୟ ସେମାନେ ତାକୁ ଦେଖିପାରନ୍ତି । ଅନ୍ୟ ଚଢ଼େଇମାନଙ୍କ ବସା ଖୋଲାଥିବାରୁ ସେମାନେ ଶତ୍ରୁମାନଙ୍କ ନଜର ନ ପଡ଼ିବାପାଇଁ ରଙ୍ଗୀନ୍ ବା ଛିପଛିପିକିଆ ଅଣ୍ଡା ଦେଇଥାନ୍ତି ।

Digitized by srujanika@gmail.com

ଏଇସବୁ ଅଣ୍ଡାର ରଙ୍ଗ ଆଉ ଦାଗ ସେଠା ପରିବେଶ ସାଥିରେ ମିଶିଯାଏ ।"

ଆଈବୁଢ଼ୀ ପଚାରିଲେ—"ଆଚ୍ଛା ରବୀନ୍, ମାଟି ଖୋଳି କେଉଁ ଚଢ଼େଇ ବସା ତିଆରି କରନ୍ତି କି ?"

ରବୀନ୍ କହିଲେ—"ହଁ ଆମ ଜାତୀୟପକ୍ଷୀ ମୟୂର ପରି ମାଟି ଖୋଳି ବସା ତିଆରି କରିଥାଏ । ସେମିତି ମାଛରଙ୍କା, ମହୁମାଛିଖିଆ (ବି ଇଟର୍) ଚଢ଼େଇ ଆଦି ଭୂଇଁରେ ଗାତ ଖୋଳି ଅଣ୍ଡା ଦିଅନ୍ତି । ଦକ୍ଷିଣମେରୁରେ ମେଉଁ ପେଙ୍ଗୁଇନ୍ ଚଢ଼େଇ ଦଳଦଳ ହୋଇ ରହନ୍ତି, ସେମାନେ ଛୋଟଛୋଟ ପଥର ଖଣ୍ଡକୁ ଗଦେଇ ବସା ତିଆରି କରନ୍ତି । ସମୟ ସମୟରେ ବହୁ ପେଙ୍ଗୁଇନ୍ ଚଢ଼େଇ ଅଣ୍ଡା ଦେବାକୁ ଚାହିଁବାରୁ ପଥର ଖଣ୍ଡର ଅଭାବ ପଡ଼େ । ତେଣୁ ସେମାନେ ସେତେବେଳେ ନିଜନିଜ ଭିତରେ ପଥର ଚୋରିକରି ଗୁଳୁରାଣ ମେଣ୍ଟାନ୍ତି ।

ସବୁଠୁଁ ମଜାକଥା ହେଲା, କୋଲ୍‌ହାବେଲିସ୍ମା ଚଢ଼େଇଙ୍କ ବସା । ସେମାନେ ନିଜ ଛେପରେ ବସା ଗଢ଼ନ୍ତି । ତାହା ପବନ ବାଜି ଶୁଖିଗଲେ ମିଶି ବା ନବାତ ପରି ଟାଣ ହୋଇଯାଏ, ମିଠା ବି ଲାଗେ । ତେଣୁ ସେଠାର ଲୋକମାନେ ଏଇ ଚଢ଼େଇ ବସାକୁ ଆରାମରେ ଖାଇଯାନ୍ତି ।

ସାନସାନ ନାତିନାତୁଣୀମାନେ କହିଲେ—"ସବୁଠୁଁ ମଜାରେ ରହୁଛି ଘରଚଟିଆ । ଆମ ଘର ଓଳିତଳେ, କାନ୍ଥ ଉପରେ ପୁଳାଏ ନଡ଼ାପତର ହେଲେ ତାର ବସା ତିଆରି ହୋଇଗଲା । ସେଇ ବସା ପୁଣି ବେଶୀ ଦରକାର ହୁଏ ଅଣ୍ଡା ଦେଲାବେଳେ । ନହେଲେ ତାର ବସା କି ଦରକାର ? ଆମ ଘର ଭିତରେ ତ ରହେ ? ପାଣିପବନ ବା ଝଡ଼ବତାସ ତା'ର କ'ଣ କରିବ ?"

Digitized by srujanika@gmail.com

ଆଈବୁଢ଼ୀ କହିଲେ "ଘରଚଟିଆ ଚଢ଼େଇ ମଣିଷର ବଡ଼ ସାଥୀ । ଯେଉଁଠି ମଣିଷ, ସେଇଠି ଘରଚଟିଆ । କି ସହର, କି ମଫସଲ ସବୁଠି ତା'ର ଗସ୍ତାଗସ୍ତ । ମଣିଷ ପାଖ ଛାଡ଼େନାହିଁ । ଟିକି ଚଢ଼େଇଟିଏ ହୋଇଥିବାରୁ ତା ପ୍ରତି ମଣିଷର ଖୁବ୍ ଦୟାମାୟା । ମାଛରଙ୍କା ଚଢ଼େଇପରି ଏହାକୁ 'ମଣିଷରଙ୍କା' କହିଲେ ଭୁଲହେବ ନାହିଁ । ସେ ମଣିଷର କିଛି କ୍ଷତି କରେ ନାହିଁ । ଥଣ୍ଡା ଗରମ ସବୁ ଜଳବାୟୁ ଆଉ ଧନୀ ଗରିବ ସବୁ ଦେଶରେ ଏଇ ଚଢ଼େଇ ଦେଖାଯାଏ । ମଣିଷର ଘରଦୁଆରେ ଯାହା ଖାଇବା ଜିନିଷ ପଡ଼ିଯାଏ ବା ପୋକଜୋକ ମିଳିଯାଏ, ସେଇସବୁକୁ ଖାଇ ସେ ଖୁସିହୁଏ ।"

ପିଲାମାନେ କହିଲେ "ତାହେଲେ ମଣିଷ ସାଥିରେ ରହି ଘରଚଟିଆ ତା'ର ବସାଆଉ ଶତ୍ରୁମାନଙ୍କଠୁଁ ବେଶୀ ରକ୍ଷା ପାଇ-ଯାଏ । ତା'ର ସୁଖଦୁଃଖରେ ସେ ଭାଗୀ ହୁଏ ।"

———

Digitized by srujanika@gmail.com

ଚଢ଼େଇ ବାଉଗର

ସେଦିନ ଚଷାପଟ୍ କାମ ସାରି ଶୁଭାଶିଷ ଓ ଶୁଭଶ୍ରୀ ବାପାଙ୍କ ପାଖରେ ପହଞ୍ଚିଗଲେ । ବାପା ବି ଜଳଖିଆ ଖାଇସାରି ଚା’ ପିଉଥାନ୍ତି ।

ଶୁଭଶ୍ରୀ କହିଲା–“ବାପା, ବାୟାଚଢ଼େଇ ପରି ଆଉ କେଉଁ ଚଢ଼େଇ ବସା ତିଆରି କରନ୍ତି ? ଏବେ ଆମଙ୍କୁ ସେକଥା କୁହ, ଭାରି ମଜା ଲାଗୁଛି । କେମିତି ଏଡେ ସୁନ୍ଦର ବସା ସେମାନେ ତିଆରି କରନ୍ତି !”

ବାପା କହିଲେ, “ଆମ ଦେଶରେ ଆଉ ଏକ ଚଢ଼େଇ ଅଛନ୍ତି, ଯେଉଁମାନଙ୍କୁ ଦରଜୀ ଚଢ଼େଇ କହିଲେ ଠିକ୍ ହେବ । ସେମାନେ ବଡ଼ ବଡ଼ ପତ୍ରକୁ ସିଲେଇ କରି ଏଡେ ସୁନ୍ଦର ବସା ତିଆରି, କରନ୍ତି, ତୁମେ ସେସବୁ ଦେଖିଲେ ଆଶ୍ଚର୍ଯ୍ୟ ହେବ ।”

ପ୍ରତିବର୍ଷ ଖରାଦିନେ ଏଇ ଚଢ଼େଇ ତା’ର ଗୋଜିଆ ଥଣ୍ଟରେ ବୁଢ଼ିଆଣୀ ଜାଲରୁ ସରୁ ସୂତା ଗୁଡ଼ାଇ ଆଣେ । ଯେଉଁ ଗଛର ବଡ଼ ବଡ଼ ପତ୍ର, ସେଇ ଗଛର ଡାଳରେ ବସେ । ପତ୍ର-ଗୁଡ଼ିକୁ ଝୁଲି ବା ମୁଣି ପରି ବଙ୍କେଇ ଦିଏ । ତା’ର ଥଣ୍ଟକୁ ଛୁଞ୍ଚ ପରି ବ୍ୟବହାର କରି ସେଇଗଛର ପତ୍ରଗୁଡ଼ିକୁ କଣାକରି ସିଲେଇ କରେ । ଥରେ ଥରେ ମାଈ ଚଢ଼େଇ ଭିତର ପଟେ ଥାଏ । ଅଣ୍ଡିରା ଚଢ଼େଇ ବାହାରପଟେ ଗୋଟିଏ କଣାରେ ସୂତା

Digitized by srujanika@gmail.com

ପୂରାଇ ଦେଲେ, ମାଈ ଚଢ଼େଇ ଭିତରୁ ଆଉ ଏକ କଣାବାଟେ ସୂତାକୁ ବାହାର କରିଦିଏ । ତାପରେ ସୂତାକୁ ଟାଣି ସିଲେଇକୁ ଟାଣ କରିଦିଏ ।

ଏମିତି ଚଞ୍ଚଳ ଚଞ୍ଚଳ ସିଲେଇ କାମ ହୋଇଯାଏ । ଯେତେବେଳେ ବସା ସିଲେଇ ସରିଯାଏ, କଅଁଳପତ୍ର, ପକ୍ଷୀର ପର ଓ ପଶୁଙ୍କ ବାଳ ଆଣି ବସା ଭିତରେ ସଜେଇ ଦିଏ । ବିଚରା ଚଢ଼େଇଟି ତା'ର ଅଣ୍ଡା ରଖିବା ପାଇଁ ଏତେ ଯତ୍ନରେ ନରମ ଶେଯ କରିଥାଏ ।

ଶୁଭଶ୍ରୀ କହିଲା—"ଧିରି ଚାଲାକ୍ ତ ! ଆଚ୍ଛା ବାପା, ସେମିତ ଆମ ଦେଶରେ ଆଉ କେଉଁ ଚଢ଼େଇ ବସା ତିଆରି କରନ୍ତି ?"

ବାପା କହିଲେ"—ଘରଚଟିଆ ଆମ ବାଡ଼ଘରେ ବସା ତିଆରି କରେ । ପକ୍ଷୀ ପର ଆଉ ସେଇଭଳି ନରମ ଦରବକୁ ସାଉଁଟିଆଣି

Digitized by srujanika@gmail.com

ଥାଏ । ନିଜର ପାଟିରୁ ଲାଳ ବାହାର କରି ଝିଠାପରି ସେଥିରେ ବୋଳିଦିଏ । ଗୋଟିଏ ଗୋଟିଏ କପ୍ ବା ଥାଳିଆ ପରି କରି ଘର ଚାଳ ବା କାନ୍ଥରେ ଲଗାଇଦିଏ । ତାହା ହୁଏ ତାର ବସା ସେଥିରେ ସେ ଅଣ୍ଡା ଦେଇ ଛୁଆ କରେ ।

ସେମିତି ଆମର ମାଛରଙ୍କା ଚଢ଼େଇ ତ ଖୁବ୍‌ବୁଦ୍ଧିଆ । ପାଣିଠାରୁ ଦଶପନ୍ଦର ଫୁଟ ଉପରେ ଉଡ଼ୁଥିବ । ମାଛଟିଏ ଦେଖିଲେ ଭୁସ୍‌କରି ତା ଉପରେ ଖସି ପଡ଼ିବ ଆଉ ତା'ର ଥଣ୍ଟରେ



ତାକୁ ଝାମ୍ପି ନେବ । ଏଥିପାଇଁ ସେ ପାଣି ଭିତରେ ଦୁଇ ତିନି ଫୁଟ ବୁଡ଼ିଯାଏ । ହେଲେ ଶିକାର ଛାଡ଼େ ନାହିଁ । ମାଛକୁ ଥଣ୍ଟରେ ଧରି ଉପରକୁ ଉଠିଯାଏ । ଛୋଟ ମାଛ ହେଲେ ତ ଗିଳିଦିଏ, ବଡ଼ ହେଲେ କେଉଁଠି ବସି ଆରାମରେ ଖାଇଦିଏ ।

Digitized by srujanika@gmail.com

ଶୁଭାଶିଷ ପଚାରିଲା, "ଏ ତ ମାଛରଙ୍କାର ଶିକାରୀପଣ ! ସେ କିମିତି ତା'ର ବସା ତିଆରି କରେ ?"

ବାପା କହିଲେ—ମାଛରଙ୍କା ବି ଖୁବ୍ ବଡ଼ ଖୋଳାଳି । ଖଣି ଖୋଳିବା ପରି ସେ ନଈକୂଳରେ ସାତ ଫୁଟ ଲମ୍ବର ଗାତ ଖୋଳିଦିଏ । ସେଇଠି ସେ ତାର ବସା ତିଆରି କରି ରହେ ଆଉ କେତୋଟି ଅଣ୍ଡା ଦିଏ । ଥରେ ଥରେ ସେ ପାହାଡ଼ ଖୋଳ ଗୁମ୍ଫାରେ ବସା କରେ । କିନ୍ତୁ ଅଷ୍ଟ୍ରେଲିଆର କେତେକ ମାଛରଙ୍କା କେବଳ ଗଛ କୋରଡ଼ରେ ହିଁ ବସା ତିଆରି କରନ୍ତି ନାହିଁ । କେତେକ ପାଣି ପାଖରେ ମାଟି ବା ପଥର କୁଦ ଭିତରେ ଗାତ ଖୋଳି ରହନ୍ତି । ଏମାନେ ଥରକେ ପାଞ୍ଚରୁ ଆଠୋଟି କରି ଧଳା ଧଳା ଅଣ୍ଡା ଦିଅନ୍ତି ।

କାଠହଣା ଚଢ଼େଇ ତ ଗଛ ଗଣ୍ଡିକୁ ଖୋଳିଖୋଳି କୋରଡ଼ କରିଦିଏ ଆଉ ତା ଭିତରେ ବସା କରେ । ଗଙ୍ଗା କୂଳରେ ଏକ ଜାତିର ବଣି ଚଢ଼େଇ ଥାନ୍ତି । ସେମାନେ ଦେଖିବାକୁ ବଡ଼, ଆଉ କେତେକ ବଡ଼ ବଡ଼ ନଈକୂଳରେ ଦେଖାଯାନ୍ତି । ସେସବୁ ନଈକୂଳରେ ମାଟି ଖୋଳି ସୁଡ଼ଙ୍ଗ ତିଆରି କରିଥାନ୍ତି । ଗୋଟିଏ ସୁଡ଼ଙ୍ଗରୁ ଆଉ ଗୋଟିଏ ସୁଡ଼ଙ୍ଗକୁ ବାଟ ଥାଏ । ଫଳରେ ବଣି ଭିତରେ ଭିତରେ ଗୋଟିଏ ବସାରୁ ଆଉ ଗୋଟିଏ ବସାକୁ ଯାଇପାରେ ।

Digitized by srujanika@gmail.com

ଚଲ, ଛଞ୍ଚାଣ, ଶାଗୁଣା ପରି ଚଢ଼େଇ ସବୁ କାଠିକୁଟା ପତର ନେଇ ବଡ଼ ବଡ଼ ଗଛ ଉପରେ ବସା ତିଆରି କରିଥାନ୍ତି । ଆଉ କାଠିପତର ନେଇ ବସାକୁ ଆହୁରି ବଡ଼ ଓ ମଜବୁତ୍ କରନ୍ତି । ବର୍ଷକୁ ବର୍ଷ ଏଇ ବସା ବଢ଼ି ଖୁବ୍ ବଡ଼ ହୋଇଯାଏ ।

ଏସିଆ ଓ ଆଫ୍ରିକାରେ ଏକପ୍ରକାର ଲମ୍ବାଥଣ୍ଟିଆ ଚଢ଼େଇ ଦେଖାଯା'ନ୍ତି । ସେମାନଙ୍କର ଆଖିପତା ବଡ଼ । ସେଇ ଚଢ଼େଇର ନାଁ ହର୍ଣ୍ଣବିଲ୍ । ଗଛକୋରଡ଼ରେ ସେ ବସା କରେ ।

ମାଈ ହର୍ଣ୍ଣବିଲ୍ ସେଇ ବସାରେ ଅଣ୍ଡା ଦିଏ । କୋରଡ଼ର ମୁହଁକୁ ସେ ମାଟି ଲେପି ଘୋଡ଼ାଇଦିଏ । ଗୋଟିଏ ଛୋଟ ବାଟ ସେଇ ବସାରେ ରଖିଥାଏ, ସେଇ ବାଟେ ମାଈ ଚଢ଼େଇ ତା'ର ଲମ୍ବା ଥଣ୍ଟକୁ ବଢ଼ାଇଦିଏ । ଅଣ୍ଡିରା

Digitized by srujanika@gmail.com

ହର୍ଣ୍ଣବିଲ୍ ସେଇ ବାଟେ ତାକୁ ଖାଇବାକୁ ଦିଏ । ଅଣ୍ଡା ଫୁଟି ଛୁଆ ହେବାଯାଏ ମାଈ ହର୍ଣ୍ଣବିଲ୍ ସେହି ବସାରେ ବନ୍ଦୀ ହୋଇ ରହେ ।

ଏଇ ସମୟରେ ଅଣ୍ଡିରା ଚଢ଼େଇ ଖାଦ୍ୟ ସଂଗ୍ରହ କରି ନିଜେ ଖାଏ ଓ ମାଈ ଚଢେଇକୁ ଦିଏ । ଅଣ୍ଡାରୁ ଛୁଆ ଫୁଟି ଚଲାବୁଲା କରିବାକୁ ବଳ ପାଇଲେ ମାଆ ହର୍ଣ୍ଣବିଲ୍ ସେମାନଙ୍କୁ ଧରି ପଦାକୁ ବାହାରେ । ସେତେବେଳେ ତା ଥଣ୍ଟରେ ସେଇ ବସାର ମୁହଁକୁ ଖୋଲିଥାଏ । ଅନ୍ୟ ଶିକାରୀ ଚଢ଼େଇଙ୍କ ଦାଉରୁ ନିଜର ଅଣ୍ଡା ଆଉ ଛୁଆଙ୍କୁ ରକ୍ଷା କରିବା ପାଇଁ ହର୍ଣ୍ଣବିଲ୍ ଏମିତି ବସା ତିଆରି କରେ ।

ଆମ ଦେଶରେ କୋଚିଲାଖାଇ ଚଢ଼େଇମାନେ ଏମିତି ଗଛ କୋରଡ଼ରେ ବସା ତିଆରି କରନ୍ତି । ମାଈ କୋଚିଲାଖାଇ ତା

Digitized by srujanika@gmail.com

ଭିତରେ ଅଣ୍ଡାଦିଏ ଆଉ ପ୍ରାୟ ତିନି ସପ୍ତାହ କାଳ ଅଣ୍ଡାଗୁଡ଼ିକୁ ଉଷୁମାଇ ବସେ । ଅଣ୍ଡିରା କୋଚଲ୍‌ଖାଇ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରେ । ନିଜେ ସେଥିରୁ ଖାଏ ଆଉ ବସାରେ ଥିବା ଏକମାତ୍ର ଛୋଟ ବାଟଟିରେ ମାଈ ଚଢ଼େଇକୁ ଖାଇବାକୁ ଦିଏ । ଅଣ୍ଡା ଫୁଟି ଛୁଆ ବାହାରିଲେ ମାଈ କୋଚଲ୍‌ଖାଇ ବନ୍ଦୀଖାନାରୁ ମୁକୁଳିଥାଏ । ତାପରେ ଅଣ୍ଡିରା ଓ ମାଈ ଚଢ଼େଇ ଦୁହେଁ ଛୁଆମାନଙ୍କୁ ପାଳନ୍ତି । ପିଲାମାନଙ୍କ ସ୍ନେହରେ ସେମାନେ ବନ୍ଦୀହୋଇ ରହନ୍ତି । କେତେ କଷ୍ଟ ସେମାନେ କରନ୍ତି ସତେ !

କେତେକ ଚଢ଼େଇ ତ ଆହୁରି କୌଶଳରେ ସେମାନଙ୍କ ବସା ତିଆରି କରନ୍ତି । କେତେକ ପାଣି ଚଢ଼େଇ ତାଳପତ୍ରର ଅଳିଆମଳିଆ ଛମା କରିଦିଅନ୍ତି । ପାଣି ଉପରେ ସେସବୁ ଭାସିଗଲେ । ତା ଭିତରେ ସେ ଅଣ୍ଡା ଦିଅନ୍ତି । କେହି ଏହା ଜାଣିପାରନ୍ତି ନାହିଁ । ଥରେଥରେ ଏଇ ବସା ଦଳ ଆଦି ପାଣି ଗଛ ଦେହରେ ଲାଗିରହେ । ଏଇ ଚଢ଼େଇମାନେ ସେମାନଙ୍କ ଛୁଆମାନଙ୍କୁ ରକ୍ଷା କରିବା ପାଇଁ ମଧ୍ୟ ନାନା କୌଶଳ କରନ୍ତି ।"

ବାପାଙ୍କଠାରୁ ଏସବୁ କଥା ଶୁଣି ପିଲା ଦୁହିଁଙ୍କର ମନ ଭାରି ଖୁସି । ଶୁଭଶ୍ରୀ କହିଲା—"ବାପା, ଚଢ଼େଇସବୁ ଛୋଟ ଛୋଟ ଜୀବ ହେଲେ ବି ସେମାନଙ୍କର ବୁଦ୍ଧି କେତେ !"

ଶୁଭାଶିଷ କହିଲେ ଚଢ଼େଇସବୁ ନିଜ ପିଲାଛୁଆଙ୍କ ଭଲ ପାଇଁ କେତେ କଷ୍ଟ କରୁନାହାନ୍ତି । ସତେ ଯେମିତି

Digitized by srujanika@gmail.com

ସେମାନେ ଅଣ୍ଡାଦେବା ଆଉ ଛୁଆ ଫୁଟାଇବା ପାଇଁ ବସା ତିଆରି କରନ୍ତି !

ବାପା ହସିହସି କହିଲେ—"ପିଲାମାନଙ୍କ ଭଲ ପାଇଁ ତ ବାପମାଆ ସଦାବେଳେ ଚିନ୍ତା କରନ୍ତି । ପିଲାମାନଙ୍କ ସୁଖରେ ସେମାନେ ସୁଖୀ, ଦୁଃଖରେ ସେମାନେ ଦୁଃଖୀ ହୁଅନ୍ତି ।"

—o—

Digitized by srujanika@gmail.com

ଚକୋଲେଟର କାହାଣୀ

ଚକୋଲେଟ ପିଲ୍‌ମାନଙ୍କର କେତେ ପ୍ରିୟ ସତେ ? ଜରି ଆଉ ରଙ୍ଗୀନ୍ କାଗଜ ଖୋଲରେ ଗୁଡ଼ା ହୋଇଥିବା ଗୋଟିଏ ଚକୋଲେଟ୍ ପାଇଲେ ସେମାନେ ସବୁ ଭୁଲିଯା'ନ୍ତି । କାନ୍ଦୁରା ମୁହଁରେ ହସ ଫୁଟି ଉଠେ । ଅବଶ୍ୟ ଆଜକାଲି ଚକୋଲେଟ୍‌ର ଏତେ ଆଦର ଦେଖି ଅନେକ ଭେଜାଲ ଜିନିଷ ପିଲ୍‌ମାନଙ୍କୁ ଠକିବାକୁ ବାହାରି ପଡ଼ିଲାଣି । କିନ୍ତୁ ଖାଣ୍ଟି ଚକୋଲେଟ୍ ସଚା ସାଙ୍ଗ ପରି ପିଲ୍‌ମାନଙ୍କର ଯେମିତି ପ୍ରିୟ, ସେମିତି ଉପକାରୀ ।

ହେଲେ ଚକୋଲେଟ୍ କେଉଁଥିରୁ ହୁଏ ? ପ୍ରଥମେ ସେ କେଉଁଠି ଥିଲା ? କିପରି ତାର କ୍ରମେ ଉନ୍ନତି ହେଲା ? ତାର

Digitized by srujanika@gmail.com

ଇତକଥା ସତେ କେତେ ସରସ ଆଉ କେତେ ମଜାଦାର କାହାଣୀ !

୧୪୯୮ ମସିହା ଅଗଷ୍ଟ ୧୮ ତାରଖ ବୁଧବାର । ସେଦନ କଲମ୍ବସ୍ ପ୍ରଥମେ ଦକ୍ଷିଣ ଆମେରକାକୁ ଦେଖି ଖୁସି ହୋଇ-ଯାଇଥିଲେ । ଏବେ ପଳମାନେ ଚକୋଲେଟ୍ ପାଇଲ ପର, ନୁହେଁ ? ସେ ତ ସ୍ପେନ୍‌ର ରାଜା ଫର୍ଡିନାଣ୍ଡଙ୍କ ସାହାଯ୍ୟରେ ଏଠାକୁ ଯାଇଥିଲେ । ତେଣୁ ସେ ସେଠାରୁ ତାଙ୍କପାଇଁ ବହୁ ମୂଲ୍ୟବାନ ଉପହାର ଆଣିଥିଲେ । ସେ ନଜ ସାଙ୍ଗରେ ଶିମ୍ବ ମଞ୍ଜି କର କେତେଗୁଡ଼ଏ ମଞ୍ଜି ମଧ୍ୟ ଆଣିଥିଲେ ।

. ସେହ ମଞ୍ଜିଗୁଡ଼କ କୋକଆ ଗଛର ଯାହାକୁ କଲମ୍ବସ ଦେଖି ଆନନ୍ଦିତ ହୋଇଯାଇଥିଲେ । ଅବଶ୍ୟ ସେତେବେଳେ ତାର ଗୁରୁତ୍ୱ ସେ ଏତେ ବୁଝିଥିଲେ କ ନାହିଁ ସନ୍ଦେହ । କନ୍ତୁ ସ୍ପେନ୍ ଦେଶର ରାଜା ଏଥିପ୍ରତି ମୋଟେ ଆକୃଷ୍ଟ ହୋଇପାର ନଥିଲେ । ଏହ ଉପହାରଟି ତାଙ୍କ ମନକୁ ପାଇ ନ ଥିଲ ।

କନ୍ତୁ ମେକ୍‌ସିକୋର ରାଜା ମୋଣ୍ଟେଜୁମା କୋକଆ ମଞ୍ଜକୁ ଭାର ପସନ୍ଦ କରଥିଲେ। ରାଜା ମୋଣ୍ଟେଜୁମା ଖୁବ୍ ଧନୀ ଥିଲେ । ସେ ନାହିଁ ନଥିବା ମଉଜ ମଜଲସ ଭିତରେ ଜଲ ଥିଲେ । ସେଥିମଧ୍ୟରୁ ଖାଇବାଟି ଥିଲ ତାଙ୍କର ସବୁଠୁଁ ଅତିପ୍ରିୟ । ତାଙ୍କ ଉଆସରେ ପ୍ରତିଦନ ଅତି ଜାକଜମକରେ ଭୋଜ-ଭାତର ଆୟୋଜନ ହେଉଥିଲ । ଆଉ ଭୋଜ ଶେଷରେ ତାଙ୍କର ଦାସଦାସୀମାନେ ବଡ଼ବଡ଼ ସୁନାକଲସୀମାନ ଧର ପହଞ୍ଚ ଯାଉଥିଲେ । ସେଗୁଡ଼କରେ ଭର ରହଥିଲ ରାଜାଙ୍କର ପ୍ରିୟ ପାନୀୟ "କାକଆ ।"

Digitized by srujanika@gmail.com

ବହୁକାଳରୁ ମେକ୍ସିକୋରେ କୋକଆ ପାନୀୟ ଖୁବ୍ ଲୋକପ୍ରିୟ ହୋଇଥିଲା । ସେଠାର ଆଦିମ ଅଧିବାସୀଙ୍କୁ ଲୋହିତ ଭାରତୀୟ କୁହାଯାଏ । ସେମାନଙ୍କର ବିଶ୍ୱାସ ଯେ ଜଣେ ମହାପୁରୁଷ ସ୍ୱର୍ଗର ଦେବତାମାନଙ୍କଠାରୁ କୋକଆର ମଞ୍ଜି କିଛି ଆଣି ମେକ୍ସିକୋକୁ ଆସିଥିଲେ । ସେ ମହାପୁରୁଷ ତାଙ୍କର ବଗିଚାରେ ଏହାକୁ ଲଗାଇଥିଲେ । ଏହାର ଫଳ ଖାଇ ସେ ଅସାଧାରଣ ବୁଦ୍ଧି ଓ ଜ୍ଞାନ ଲାଭ କରିଥିଲେ । ତେଣୁ ତାଙ୍କୁ ଲୋହିତ ଭାରତୀୟମାନେ ଖୁବ୍ ଭକ୍ତି କରୁଥିଲେ ।

ଏଥିରୁ ଜଣାପଡ଼େ ମେକ୍ସିକୋରେ କୋକଆ ଖୁବ୍ ଲୋକପ୍ରିୟ ହୋଇଥିଲା । ଏମିତିକି କୋକଆ ମଞ୍ଜିକୁ ସେମାନେ

Digitized by srujanika@gmail.com

ପଇସାପର ବ୍ୟବହାର କରୁଥିଲେ । କୋକଆ ଏତେ ମୂଲ୍ୟବାନ୍ ଥିଲା ଯେ ଗରିବ ଲୋକମାନେ ସେମାନଙ୍କ ଖାଦ୍ୟରେ ମସଲାପରି ଅଳ୍ପକିଛି କୋକଆ ରସ ମିଶାଇ ବ୍ୟବହାର କରୁଥିଲେ । କେବଳ ଧନୀଲୋକମାନେ ଏହାର ପାନୀୟ ବ୍ୟବହାର କରିବାର ସୁବିଧା ପାଉଥିଲେ । ସେ ମଧ୍ୟ ଆଜିକାଲିର କୋକଆ ବା ଚକୋଲେଟ ପାନୀୟ ପରି ଏତେ ସ୍ୱାଦିଷ୍ଟ ନଥିଲା । ପଥର ଚକିରେ ଚୂର୍ଣ୍ଣ କୋକଆ ମଞ୍ଜିର ଚର୍ବି ଓ ଲଙ୍କାମରିଚ ଗୁଣ୍ଡକୁ ଅଟାରେ ମିଶାଇ କେତେକ ଏହି ପାନୀୟ ପ୍ରସ୍ତୁତ କରୁଥିଲେ ।

ସ୍ପେନ ଦେଶରେ କ୍ରମେ କୋକଆର ଆଦର ବଢ଼ିଲା । ଲୋକମାନେ ଏହାର ପାନୀୟ ଅଧିକରୁ ଅଧିକ ବ୍ୟବହାର କଲେ । କେତେକ ଚକୋଲେଟ୍ କାରଖାନା ସେହି ଦେଶରେ ଗଢ଼ି ଉଠିଲା । ତାହା କ୍ରମେ ଇଟାଲି, ଫ୍ରାନ୍ସ ପ୍ରଭୃତି ଦେଶକୁ ବ୍ୟାପିଲା । ଫ୍ରାନ୍ସ ସମ୍ରାଟ ଚତୁର୍ଦ୍ଦଶ ଲୁଇଙ୍କ ସ୍ପେନଦେଶୀୟ ରାଣୀ ମେରିଆ ଥେରେସାଙ୍କ ଯୋଗୁଁ କୋକଆ ପାନୀୟ ତାଙ୍କ ଦରବାରରେ ପ୍ରଥମେ ପ୍ରଚଳିତ ହୋଇଥିଲା । ତାଙ୍କର ଜଣେ ଭୃତ୍ୟ ଖୁବ୍ ମିଷ୍ଟ ଚକୋଲେଟ୍ ପାନୀୟ ପ୍ରସ୍ତୁତ କରିପାରୁଥିଲେ ।

ମେରିଆ ଏହି ପାନୀୟକୁ ଏତେ ଭଲ ପାଉଥିଲେ ଯେ ଫ୍ରାନ୍ସ ଐତିହାସିକମାନେ ଲେଖିଛନ୍ତି, ସମ୍ରାଟ ଓ ଚକୋଲେଟ୍ ପାନୀୟ ରାଣୀ ମେରିଆଙ୍କର ଥିଲା ସବୁଠୁ ଅତି ପ୍ରିୟ । ସେ ତାଙ୍କର ଦରବାରରେ ଏହି ପାନୀୟ ବ୍ୟବହାର କରୁଥିଲେ ଏବଂ ଏଥିଯୋଗୁଁ ବହୁତ ଖର୍ଚ୍ଚ ହେଉଛି ଜାଣି ପରେ ତାହା ବନ୍ଦ କରି-ଦେଇଥିଲେ ।

Digitized by srujanika@gmail.com

୧୭୫୭ ମସିହାରେ ପ୍ରଥମେ ଲଣ୍ଡନରେ ଗୋଟିଏ କୋକଆ ଦୋକାନ ଖୋଲିଥିଲା । ଏଠାର ଧନୀ ଲୋକମାନେ ସାଙ୍ଗସାଥୀ ଗହଣରେ ବସି କୋକଆ ପାନୀୟ ଉପଭୋଗ କରୁଥିଲେ । ଏହାର ମୂଲ୍ୟ ଅଧିକ ଥିବାରୁ ଗରିବ ଲୋକମାନେ ଏହାକୁ ପାଇପାରୁ ନଥିଲେ । ପରେ ଏହି କୋକଆ ଦୋକାନମାନ ଲଣ୍ଡନ କ୍ଲବ୍ ନାମରେ ଗଢ଼ିଉଠିଲା । ସେଂଟଜେମସ୍ ପାଲେସ୍, ସେଂଟଜେମ୍‌ସ ଷ୍ଟ୍ରିଟ୍, ପିକାଡ଼େଲି ସର୍କସ ପ୍ରଭୃତି ପ୍ରସିଦ୍ଧ ସ୍ଥାନଗୁଡ଼ିକରେ ଥିବା କ୍ଲବ୍ ଅତି ଲୋକପ୍ରିୟ ହୋଇଥିଲା ।

ସେଥିମଧ୍ୟରେ କୋକଆ ଗଛ ନାମର କ୍ଲବ୍‌ଟି ଥିଲା ପ୍ରସିଦ୍ଧ ଇଂରେଜ କବି ଲର୍ଡ଼ ବାଇରନ୍‌ଙ୍କର । ପରେ ଏହା ଇଂରେଜ ସାହିତ୍ୟର ଏକ ବଡ଼ ଆସର ବା ଲିଟେରାରୀ କ୍ଲବ୍ ଭାବରେ ଜଣାଶୁଣା ହୋଇଗଲା ।

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ବିଭିନ୍ନ ଦେଶରେ କୋକଆ ଚାଷ ଆରମ୍ଭ ହେଲା । ବିଶେଷତଃ ଘାନାର ଜଣେ କମାର ୧୮୭୯ ମସିହାରେ କିଛି କୋକଆ ମଞ୍ଜି ଆଣି ଘରକୁ ଆସିଥିଲା । ସେହି କମାରର ନାଁ ଟେଟ୍ଟି କୋଇ । ତାର ନିଜ ବଗିଚାରେ ସେ ଏହାକୁ ଲଗାଇ କୋକଆ ଚାଷ ଆରମ୍ଭ କରିଥିଲା । ଏବେ ଘାନାରେ ତାହା ଅତି ଲୋକପ୍ରିୟ ଆଉ ଜାତୀୟ ଉନ୍ନତିର ମୂଳ କାରଣ ହୋଇଛି । ଆଜି ପୃଥିବୀର ସବୁଠୁଁ ବଡ଼ କୋକଆ ଉତ୍ପାଦନକାରୀ ରାଷ୍ଟ୍ର ହେଲା ଘାନା । ଏବେ ବିଭିନ୍ନ ଦେଶକୁ ଏହା ସବୁଠୁଁ ବେଶୀ କୋକଆ ରପ୍ତାନି କରୁଛି ।

Digitized by srujanika@gmail.com

ଘାନାରେ କୋକଆ ଗୃଷ ଏତେ ଭଲ ହେବାର କାରଣ କ'ଣ ? କୋକଆ ଗଛ ଉଷ୍ଣ ଓ ଆର୍ଦ୍ର ବାୟୁମଣ୍ଡଳରେ ଭଲ ହୋଇଥାଏ । ତେଣୁ ବିଷୁବମଣ୍ଡଳୀୟ ଅଞ୍ଚଳରେ ଏହି ଗଛ ଭଲ ବଢ଼େ । ଏହି ଗଛକୁ ଶୈଶବ ଅବସ୍ଥାରେ ସିଧା ପବନ ଓ ସୂର୍ଯ୍ୟ-କିରଣରୁ ରକ୍ଷା କରିବା ପାଇଁ ବ୍ୟବସ୍ଥା ହୋଇଥାଏ । ସାଧାରଣତଃ ଅନ୍ୟ ଗଛ ଆଡ଼ୁଆଳରେ ବା ଗ୍ଛାଇତଳେ ଏହି ଗଛକୁ ଲଗାଇ ଦିଆଯାଏ । ଏହି ଗଛଗୁଡ଼ିକ ପାଞ୍ଚମିଟରରୁ ଆଠମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ । ଭୂଇଁଠାରୁ ଅଳ୍ପ ଉଚ୍ଚରେ ପଣସ ପରି ଗଛର ଗଣ୍ଡିରୁ ବଡ଼ ବଡ଼ କୋକଆ ଫଳିଥାଏ । ଗୋଟିଏ ଗୋଟିଏ ଫଳରୁ ପ୍ରାୟ ୩୦ରୁ ୪୦ଟି ମଞ୍ଜି ମିଳିଥାଏ । ଫଳ-ଗୁଡ଼ିକ ପାଚିଗଲେ ତୋଳାଯାଏ । ସାଧାରଣତଃ ପ୍ରତିବର୍ଷ ଅକ୍ଟୋବରରୁ ଜାନୁଆରୀ ମାସ ମଧ୍ୟରେ ଏହା ଅମଳ ହୋଇଥାଏ ।

ପାଚିଲା ଫଳ ମଧ୍ୟରୁ ମଞ୍ଜିଗୁଡ଼ିକୁ ଅଲଗା କରି ଦିଆଯାଏ । ତା'ପରେ ସାଧାରଣତଃ କଦଳୀପତ୍ର ଭିତରେ ଘୋଡ଼ାଇ କିମ୍ବା ସ୍ୱତନ୍ତ୍ର ଧରଣର ବାକସ ଭିତରେ ସପ୍ତାହକ ପାଇଁ ଏହି ମଞ୍ଜିଗୁଡ଼ିକୁ ରଖାଯାଏ । ତା'ପରେ ୧୦ ଦିନ ପାଇଁ ଏଗୁଡ଼ିକୁ ଖରାରେ ଶୁଖାଇ ଦିଆଯାଏ ଏବଂ ଶୁଖିଗଲେ ଅଖାରେ ଭର୍ତ୍ତି କରି ବିଦେଶକୁ ପଠାଯାଏ । ମଞ୍ଜିକୁ ପେଷି କୋକଆଚୂନା ତିଆରି କରାଯାଏ । ଏହି ଚୂନାକୁ ଚକୋଲେଟ୍ ବା ଅନ୍ୟାନ୍ୟ ମିଠା ଜିନିଷ ତିଆରି କରିବାରେ ବ୍ୟବହାର କରାଯାଏ ।

ଇଂଲଣ୍ଡରେ କୋକଆର ବ୍ୟବହାର ବିଶେଷ ଆକର୍ଷଣୀୟ ହେଲା । କୋକଆକୁ ବ୍ୟବହାର କରି ବହୁ କଲକାରଖାନାରେ

Digitized by srujanika@gmail.com

ଚକୋଲେଟ ପ୍ରଭୃତି ତିଆରି ହେଲା । ମାତ୍ର ଚକୋଲେଟ ଓ ତାର ପାନୀୟ ଉପରେ ଅତିରିକ୍ତ ଟିକସ ଗଣିବାକୁ ପଡ଼ୁଥିଲା । ତେଣୁ ତାର ଖୁବ୍ କ୍ରେ ଚୋରା କାରବାର ହେଉଥିଲା ।

୧୮୨୪ ମସିହାଟି କୋକଆ ଓ ଚକୋଲେଟ ଇତିହାସରେ ଏକ ସ୍ୱର୍ଣ୍ଣ ବର୍ଷ । ଜନ୍ କାଡ଼ବରୀ ଇଂଲଣ୍ଡର ବର୍ମିଙ୍ଗହାମ୍ ସହରରେ ତାଙ୍କର ଗୋଟିଏ ଦୋକାନ ଖୋଲିଥିଲେ । ସେଠାରେ ସେ ଧନୀ ଲୋକମାନଙ୍କୁ କୋକଆ ଓ ଚକୋଲେଟ୍ ବିକିବାରେ ସୁନାମ ଅର୍ଜନ କଲେ । ତାଙ୍କର ବିକାକିଣା ଖୁବ୍ ବଢ଼ିଲା ଆଉ ତାଙ୍କର ଦୋକାନ କାଡ଼ବରୀ ବ୍ରଦର୍ସ ଲିମିଟେଡ଼ ନାମରେ ପ୍ରସିଦ୍ଧି ଲାଭକଲା । ଏହି କମ୍ପାନୀ ପୃଥିବୀର ପ୍ରତ୍ୟେକ ଦେଶକୁ ଭଲ ଚକୋଲେଟ ରପ୍ତାନି କରିବାରେ ଧୀରେ ଜଣାଶୁଣା ହୋଇଗଲା ।

ତାଙ୍କ ଦୋକାନର ଗୋଟିଏ କୋଣରେ ଜନ୍ କାଡ଼ବରୀ ହେମଦାସ୍ତରେ କୋକଆ ମଞ୍ଜିକୁ ଛେଚି ଚୂନା କରୁଥିଲେ ।

Digitized by srujanika@gmail.com

ସେଇ ଚୂନାରେ ସେ ଏମିତି ଚକୋଲେଟ ତିଆରି କରୁଥିଲେ, ଯାହାକୁ କାଡ଼ବରୀଙ୍କର ଚନ୍ଦ୍ରା ଗରାଖମାନେ ଖାଇ ଖୁବ୍ ତାରିଫ କରୁଥିଲେ । କେତେବର୍ଷ ଭିତରେ ଏହି ବ୍ୟବସାୟ ଏତେ ବଢ଼ିଗଲା ଯେ କାଡ଼ବରୀ ତାଙ୍କ ଦୋକାନକୁ ଲାଗି ଗୋଟିଏ ଘର ଭଡ଼ା ନେଇ ଛୋଟ ଚକୋଲେଟ୍ କାରଖାନାଟିଏ ଆରମ୍ଭକଲେ । ସେତେବେଳେ ସେ ବେଶୀ କୋକୁଆ ପାନୀୟ ବିକ୍ରୀ କରୁଥିଲେ । ୧୮୫୨ ବେଳକୁ କାଡ଼ବରୀ ଷୋଳ ପ୍ରକାର ଚକୋଲେଟ୍ ଓ ଏଗାର ପ୍ରକାର କୋକୁଆ ପାନୀୟ ତିଆରିକରି ବିକୁଥିଲେ ।

୧୮୭୪ ମସିହାରେ ଜନ୍ କାଡ଼ବରୀ ଅନୁଭବ କଲେ ଯେ ତାଙ୍କର କାରଖାନା ପାଇଁ ଗୋଟିଏ ବଡ଼ ଜାଗା ଦରକାର । ତେଣୁ ବର୍ମିଙ୍ଗହାମ୍ ସହରର ମଝି ଜାଗାରେ ସେ ଗୋଟିଏ ପକ୍କା ଘର ଭଡ଼ାନେଲେ । ସେଠାରେ ସେ ପ୍ରଥମେ ଏକ ବାଷ୍ପଚାଳିତ ଇଞ୍ଜିନ୍ ଦ୍ୱାରା କୋକଆ ଚୂନାକଳ ଚଳାଉଥିଲେ । ସେତେବେଳେ ଶ୍ରମିକମାନେ ୧୦ ଘଂଟା ଧରି ପରିଶ୍ରମ କରୁଥିଲେ । କିନ୍ତୁ କାଡ଼ବରୀ କାରଖାନାରେ ସେମାନେ ଅନ୍ୟ କାରଖାନାଠାରୁ କମ୍ ସମୟ କାମ କରୁଥିଲେ ଆଉ ଅଧିକ ସୁବିଧା ପାଉଥିଲେ । ସେ ସପ୍ତାହକୁ ଥରେ ଅଧାଛୁଟି ପାଉଥିଲେ ।

ପିଲାମାନଙ୍କୁ ରାତିରେ ପଢ଼ିବାପାଇଁ ସପ୍ତାହକୁ ଦୁଇଦିନ ଘଂଟାଏ ଆଗରୁ ସେମାନଙ୍କ କାରଖାନାରୁ ଛୁଟି ଦିଆଯାଉଥିଲା । ଆଜକାଲି କାଡ଼ବରୀ କାରଖାନାର ଯୁବକ ଶ୍ରମିକମାନଙ୍କୁ କଲେଜରେ ପଢ଼ିବା ପାଇଁ ପ୍ରତି ସପ୍ତାହରେ ଦିନେ ଛୁଟି ଦିଆଯାଉଛି ।

Digitized by srujanika@gmail.com

୧୮୭୦ ମସିହା ବେଳକୁ ଆଉ ଏକ ବଡ଼ କାରଖାନା ବସିବା ଦରକାର ହେଲା । ସେତେବେଳକୁ କାଡ଼ବରୀଙ୍କର ଦୁଇ ପୁଅ ରିଚାର୍ଡ଼ ଓ ଜର୍ଜ ତାଙ୍କୁ ଏହି ବ୍ୟବସାୟରେ ସାହାଯ୍ୟ କରିବାକୁ ବାହାରିପଡ଼ିଲେ । ସେମାନେ ଗୋଟିଏ ବଡ଼ କାରଖାନା ବସାଇବା ପାଇଁ ସହରର ମଧ୍ୟସ୍ଥଳରୁ ଦୂରରେ ମଫସଲର ସୁନ୍ଦର ପରିବେଶରେ ଗୋଟିଏ ଜାଗା ଠିକ୍ କଲେ । ଏହି ଜାଗାଟିର ଆୟତନ ସାଢ଼େ ଚଉଦ ଏକର ଏବଂ ସହରଠାରୁ ପ୍ରାୟ ଛଅ କିଲୋମିଟର ଦୂର ।

ଏହି ସ୍ଥାନଟିର ନାଁ ଦିଆଗଲା ବର୍ଣ୍ଣଭିଲ । ଏଠାରେ କାଡ଼ବରୀ ଦୁଇଭାଇ ସେମାନଙ୍କର ନୂଆ ଚକୋଲେଟ୍ କାରଖାନା ବସାଇଲେ । ଏହାର ଚାରିପାଖରେ ସବୁଜ ପଡ଼ିଆ ଆଉ ବୃକ୍ଷଲତା ପୂର୍ଣ୍ଣ ରହିଥିବାରୁ ବର୍ଣ୍ଣଭିଲକୁ "ଉଦ୍ୟାନ-କାରଖାନା" ବୋଲି କୁହାଯାଏ ।

ବର୍ଣ୍ଣଭିଲରେ କାରଖାନା ଗଢ଼ିଉଠିବାର ତିନିବର୍ଷ ପୂର୍ବରୁ ସୁଇଜରଲାଣ୍ଡର ଭିଭେଠାରେ ଡାନିଏଲ ପିଟର ନାମକ ଜଣେ ଲୋକ ରହୁଥିଲେ । ସେ ପ୍ରଥମେ ୧୮୬୭ ମସିହାରେ ଦୁଧ ଚକୋଲେଟ ତିଆରି ଆରମ୍ଭ କରିଥିଲେ । ୧୮୭୪ ମସିହାରେ କାଡ଼ବରୀ ଭାଇ ଦୁହେଁ ସୁଇସ୍ ଦୁଧ ଚକୋଲେଟ୍ ପରି ଚକୋଲେଟ୍ ତିଆରି ଆରମ୍ଭ କଲେ । ସେମାନେ କିନ୍ତୁ ଏତିକରେ ସନ୍ତୁଷ୍ଟ ରହିଲେ ନାହିଁ ।

୧୯୦୫ ମସିହାରେ ସେମାନେ ପୂରା ଖାଂଟି ଦୁଧ-ସରରେ ଚକୋଲେଟ୍ ତିଆରି କଲେ । ସେମାନେ ତାର ନାମ

Digitized by srujanika@gmail.com

ଦେଲେ କାଡ଼ବରୀ କ୍ଷୀର ଚକୋଲେଟ୍ । ଏହି ଚକୋଲେଟ୍ ଏବେ ପ୍ରଚୁର ବିକ୍ରୀ ହେଉଛି । ଅଧ ପାଉଣ୍ଡେ ଓଜନର ଖଣ୍ଡେ ଚକୋଲେଟ୍‌ରେ ସାଧାରଣତଃ ଦେଢ଼ଗ୍ଲାସ ଦୁଧ ବ୍ୟବହୃତ ହୋଇଥାଏ ।

ଏବେ କାଡ଼ବରୀ କ୍ଷୀର ଚକୋଲେଟ୍‌କୁ ନଜାଣେ କିଏ ? ସବୁ ଦେଶରେ ଏହା ଜଣାଶୁଣା । ବର୍ଣ୍ଣଭିଲର ଏକ୍ସପେରିମେଣ୍ଟାଲରୁ ଏହି ଚକୋଲେଟ୍ ଜନ୍ମନେଇ ଏବେ ଗାଡ଼ିମଟର, ଜାହାଜ, ଉଡ଼ାଜାହାଜରେ ସାରା ପୃଥିବୀ ଭ୍ରମଣ କରୁଛି । ଦେଢ଼ଶହ ବର୍ଷ ତଳେ ବୁଢ଼ା କାଡ଼ବରୀ ହେମଦସ୍ତାଟିରେ କୋକଆ ମଞ୍ଜିକୁ ଚୂନା କରୁଥିଲେ । ସେତେବେଳେ କ'ଣ ସେ କଳ୍ପନା କରିଥିଲେ ଯେ ତାଙ୍କର ସାମାନ୍ୟ କାର୍ଯ୍ୟ ଏପରି ସଫଳ ହେବ ? ସାରା ଦୁନିଆରେ ନାଁ କରିବ ?

ତାଙ୍କର ହାତ ତିଆରି ଚକୋଲେଟ୍ କେକ୍ ଉନ୍ନତି କରି, ଆଜି ବଡ଼ବଡ଼ କଳକାରଖାନାରେ କେତେ ରୂପ, କେତେ ସ୍ୱାଦ ଓ କେତେ ସୁବାସ ନେଇ ଜନ୍ମ ନେଉଛି ସତେ !

—୦—

Digitized by srujanika@gmail.com

ପ୍ରାଚୀନ ମହାଦେଶ 'ଗଣ୍ଡୱାନା'

ତୁମେ କ'ଣ ଏବେ ବିଶ୍ୱାସ କରିପାରିବ ଯେ ଦକ୍ଷିଣ ଆମେରିକା, ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣମେରୁ ପ୍ରଭୃତିକୁ ନେଇ ଏକ ବିରାଟ ମହାଦେଶ ଗଠିତ ହୋଇଥିଲା ? ଏବେ କ'ଣ କଳ୍ପନା କରିହେବ କିପରି ହଜାର ହଜାର କିଲୋମିଟର ଦୂରରେ ଥିବା ଆଜିର ଏସବୁ ଦେଶ ମହାଦେଶ ମିଶି ଏତେବଡ଼ ଗୋଟିଏ ଭୂଖଣ୍ଡରେ ପରିଣତ ହୋଇଥିଲା ? ଏବେ ପୁଣି ମଝିରେ ଅନନ୍ତ ଆଉ ଅଗାଧ ସମୁଦ୍ରର ଫରକ । ଭାରତ ପୁଣି ସେତେବେଳେ ଥିଲା ଦକ୍ଷିଣ ଗୋଲାର୍ଦ୍ଧରେ । କିପରି ଆଜି ସେ ଏତେ ଉତ୍ତରକୁ ଉଠିଯାଇଛି ! !



ଅବଶ୍ୟ ଭାରତ ସେତେବେଳେ ଏତେ ବଡ଼ ନଥିଲା । ହିମାଳୟ, ବିନ୍ଧ୍ୟ ପ୍ରଭୃତି ଏତେ ଉଚ୍ଚ ପର୍ବତ ଆଜି ଯେଉଁଠି,

Digitized by srujanika@gmail.com

ଗଭୀର ସମୁଦ୍ରର ଉତ୍ତାଳ ତରଙ୍ଗମାଳା ଖେଳୁଥିଲା ସେଇଠି । କେବେ କିପରି ଏସବୁ ବିରାଟ ପରିବର୍ତ୍ତନ ଘଟିପାରିଲା ? ଏବେ କଳନା କରି ନପାରିଲେ ସୁଦ୍ଧା ଏହା ସତ ବୋଲି ଭୂବିଜ୍ଞାନୀମାନେ ପ୍ରମାଣ ପାଇଛନ୍ତି ଏବଂ ସବୁରି ଆଖି ଖୋଲି ଦେଖାଇଦେଇଛନ୍ତି ।

କୋଟି କୋଟି ବର୍ଷ ତଳେ ଏହି ପ୍ରକାଣ୍ଡ ମହାଦେଶର ନାମ ଥିଲା ଗଣ୍ଡଓ୍ୱାନାଲ୍ୟାଣ୍ଡ । ମଧ୍ୟପ୍ରଦେଶ ଓ ଓଡ଼ିଶାରେ ବାସ କରୁଥିବା ଏକ ଆଦିବାସୀ ସଂପ୍ରଦାୟ ଗଣ୍ଡ ନାମରେ ପ୍ରସିଦ୍ଧ । ସେମାନଙ୍କ ନାମ ଅନୁସାରେ ଏହି ବିରାଟ ଭୂଖଣ୍ଡର ନାମକରଣ କରାଯାଇଛି । କିନ୍ତୁ ସେତେବେଳେ ମଣିଷ ତ ଦୂରର କଥା, ଆଜିର ଜୀବଜନ୍ତୁ ମଧ୍ୟ ନଥିଲେ । ସେତେବେଳେ ରହୁଥିବା ଜୀବଜନ୍ତୁମାନଙ୍କ ଜୀବାଶ୍ମ, ଭୂପ୍ରକୃତି ଓ ଗଠନରୀତି ଅଷ୍ଟ୍ରେଲିୟା, ଆଫ୍ରିକା, ଆମେରିକା ପ୍ରଭୃତି ଦେଶମହାଦେଶରେ ସମାନ ବୋଲି ବିଜ୍ଞାନୀମାନେ ପ୍ରମାଣ ପାଇଛନ୍ତି ।

ସେହି ସମୟରେ ଭାରତର ଅଧିକାଂଶ ଅଞ୍ଚଳ ନଦୀ, ହ୍ରଦ ଓ ସ୍ତରୀଭୂତ ଶିଳାରେ ଗଠିତ ହୋଇଥିଲା । ଦାମୋଦର ସୋନ, ନର୍ମଦା, ଗୋଦାବରୀ, ମହାନଦୀ ପ୍ରଭୃତିର ଉପତ୍ୟକାମାନ ସେଥି ମଧ୍ୟରେ ଉଲ୍ଲେଖଯୋଗ୍ୟ । ଉତ୍ତର-ପଶ୍ଚିମ ଭାରତରେ ସେତେବେଳେ ଏକ ସମୁଦ୍ର ଥିଲା । ଏହା ଆଜିର ପଞ୍ଜାବ, ରାଜସ୍ଥାନ ପ୍ରଭୃତି ଅଞ୍ଚଳ ଭୂପ୍ରକୃତିରୁ ଜଣାପଡ଼େ । ଏମିତିକି ଉକ୍ତ ସମୁଦ୍ରର କେତେକ ଧାର ମଧ୍ୟପ୍ରଦେଶ ଓ ବିହାର ମଧ୍ୟରେ ପ୍ରବେଶ କରିଥିଲା । ଭାରତର ପଶ୍ଚିମ ଉପକୂଳ ଆଫ୍ରିକା ସହିତ ସଂଯୁକ୍ତ ଥିଲା ।

Digitized by srujanika@gmail.com

ସେତେବେଳେ ସର୍ବତ୍ର ହିମଶୀତଳ ଅବସ୍ଥା । କେଉଁଠି ବରଫ ସ୍ରୋତର ପ୍ରଭାବରେ ଅସ୍ଥିର ଚଞ୍ଚଳ ତ କେଉଁଠି ଘନ ବରଫାଚ୍ଛନ୍ନ । ସବୁଜ ନୀରବନିଶ୍ଚଳ ପରିବେଶ । ତା ମଧ୍ୟରେ ପୁଣି ଆଗ୍ନେୟଗିରିରୁ ପ୍ରବଳ ଉଦ୍‌ଗିରଣ । ଉଷ୍ମ ଲାଭାସ୍ରୋତ ଶହ ଶହ କିଲୋମିଟରବ୍ୟାପୀ ବହିଯାଉଥିଲା । ଆରାବଲୀ ଓ



ଗଣ୍ଡଓ୍ୱାନା ଦେଶ

ବିନ୍ଧ୍ୟ ପର୍ବତମାଳା ମଧ୍ୟରୁ ବରଫସ୍ରୋତ ବାହାରି ଆଜିର ପାକିସ୍ଥାନ, ପଞ୍ଜାବ, କାଶ୍ମୀର ପ୍ରଭୃତିକୁ ଲଗାଇ ବହିଯାଉଥିଲା । ଆଜିର ରାଜସ୍ଥାନ, ସିନ୍ଧୁ ଓ ପଶ୍ଚିମ ପଞ୍ଜାବ ଅଞ୍ଚଳରେ ଗଭୀର ଟେଥିସ୍ ସମୁଦ୍ର ! ଏହି ଟେଥିସ୍ ସାଗର ଗର୍ଭରୁ ହିମାଳୟର ଜନ୍ମ । କି ବିସ୍ମୟକର ସତେ !

କ୍ରମେ ହିମଶୀତଳ ଜଳବାୟୁରେ ପରିବର୍ତ୍ତନ ଘଟିଲା । ଉଷ୍ମତା କ୍ରମେ ବଢ଼ିଲା । ସେତେବେଳେ ଫର୍ଣ୍ଣ ଜାତୀୟ ଗଛଲତା ଜନ୍ମ ହେଲା । ସନ୍ତସନ୍ତିଆ ସ୍ଥାନମାନଙ୍କରେ ମାଛ, ଗୋଧି,

Digitized by srujanika@gmail.com

କୁମ୍ଭୀର ଜାତୀୟ ବଡ଼ବଡ଼ ପଶୁ ଦେଖାଦେଲେ । ନୂଆ ପ୍ରକାର କଂଟା ଜାତୀୟ ଜଙ୍ଗଲ ଗଢ଼ିଉଠିଲା । ଡାଇନୋସାର ନାମକ ଏକ ପ୍ରକାଣ୍ଡକାୟ ଜୀବ ଶୀତଳ ସ୍ଥଳଭାଗରେ ରାଜୁତି କରୁଥିଲା । ହ୍ରଦ, ନଦୀ ଓ ସମୁଦ୍ରରେ ମାଛ ଜାତୀୟ ଜୀବଙ୍କର ଆକାର-ପ୍ରକାରରେ ଉନ୍ନତି ଘଟିଲା । କ୍ରମେ ଅଦ୍ଭୁତ ପକ୍ଷୀମାନେ ଉଡ଼ି ବୁଲିଲେ । ବସନ୍ତ ଋତୁରେ ଗଛରେ ଫୁଲ ଫୁଟିଲା । ପ୍ରକୃତି ରାଜ୍ୟରେ ତାହା ହେଲା ଏକ ସୁବର୍ଣ୍ଣ ସମୟ !

(ଗଣ୍ଡୱାନାର ଜୀବଜନ୍ତୁ ଓ ଗଛଲତା)

ପ୍ରାୟ ୭ କୋଟି ବର୍ଷ ତଳେ ଭାରତ ଆଜର ଆକାର ଗ୍ରହଣ କରିଥିଲା । ପ୍ରକୃତିର ପ୍ରବଳ ବିପ୍ଳବ ମଧ୍ୟରେ ଏହାର ଜନ୍ମ । ଆଗ୍ନେୟ ଉଦ୍‌ଗିରଣରୁ ତରଳ ଉଷ୍ଣ ଲାଭାସ୍ରୋତ ବାହାରି ହଜାର ହଜାର କିଲୋମିଟର ଅଞ୍ଚଳକୁ ପ୍ଳାବିତ କଲା । ଭୟଙ୍କର ଭୂମିକମ୍ପରେ ଗଣ୍ଡୱାନାର ବକ୍ଷ ବିଦୀର୍ଣ୍ଣ ହେଲା । ଟେଥିସ୍‌ସାଗର ଗର୍ଭ ଯନ୍ତ୍ରଣା ଅନୁଭବ କଲା । ସେଥିରୁ ଜାତହେଲା ଉତ୍ତୁଙ୍ଗ ହିମାଳୟ । ସାଗରର

Digitized by srujanika@gmail.com

ଅତଳ ଗହ୍ୱରରୁ ହିମାଦ୍ରିର ମସ୍ତକ ଉତ୍‌ଥିତ ହେଲା । ତାହା କ୍ରମେ-କ୍ରମେ ଉନ୍ନୀତ ହେବାକୁ ଲାଗିଲା । ହିମାଳୟ ପର୍ବତମାଳା ଓ ଦାକ୍ଷିଣାତ୍ୟ ମାଳଭୂମି ମଧ୍ୟରେ ଯେଉଁ ଅଗଭୀର ଜଳଭାଗ ରହିଥିଲା, ତାହା କ୍ରମେ ପଙ୍କମାଟିରେ ପୂର୍ଣ୍ଣ ହୋଇ ଆଜର ସୈନ୍ଧବ ଗାଙ୍ଗେୟ ସମତଳ ଭୂମିର ରୂପନେଲା । ଟେଥିସ ସମୁଦ୍ରର ଶେଷ ସଙ୍କେତ ଉତ୍ତର ପଶ୍ଚିମ ଭାଗରୁ କ୍ରମେ ଲୋପ ପାଇଲା ।

ଟେଥିସ ସାଗର ଧରିବକ୍ଷରୁ ବିଲୁପ୍ତ ହେଲା । ତାର ପୁଣି ହିମାଳୟର ଚୂଡ଼ା ନିରନ୍ତର ବରଫାଚ୍ଛନ୍ନ ହୋଇ ରହିଲା । ଗଙ୍ଗା, ସିନ୍ଧୁ, ମହାନଦୀ, ଗୋଦାବରୀ, ନର୍ମଦା, କାବେରୀ ପ୍ରଭୃତି ନଦୀମାନଙ୍କରେ ପ୍ରବାହ ବଙ୍ଗୋପସାଗର ଓ ଆରବ ସାଗରକୁ ପରିପୁଷ୍ଟ କଲା । ଭାରତସାରା ଘନ ଜଙ୍ଗଲ ଭରିଗଲା । ହସ୍ତୀ, ଘୋଟକ, ଜିରାଫ, ଗଣ୍ଡାର, ମର୍କଟ, ସର୍ପ ପ୍ରଭୃତି ବହୁସଂଖ୍ୟାରେ ବିଚରଣ କଲେ ।

ତେବେ ବହୁ ସହସ୍ର ବର୍ଷ ଧରି ଉତ୍ତର ଭାରତରେ ହିମଶୀତଳ ଜଳବାୟୁର ପ୍ରାଦୁର୍ଭାବ ଥିଲା ଏବଂ ସାମୟିକ ବରଫ ସ୍ରୋତରେ ଏହାର ଅବସ୍ଥା ଆହୁରି ଜଟିଳ ହେଉଥିଲା । ବରଫ ସ୍ରୋତ ଉଷ୍ଣତା ପାଇ ତରଳିଯାଉଥିଲା । ପ୍ରବଳ ବନ୍ୟାରେ ବହୁ ଅଞ୍ଚଳ ସାଗରସମ ପ୍ଲାବିତ ହୋଇଯାଉଥିଲା । ସମୟ ସମୟରେ ଏହି ସ୍ରୋତ ଏତେ କ୍ଷିପ୍ର ଓ ଶକ୍ତିଶାଳୀ ହୋଇଯାଉଥିଲା ଯେ ଗଭୀର ଗଣ୍ଡ ଓ ଉଚ୍ଚ ଉପତ୍ୟକାମାନ ସୃଷ୍ଟି ହୋଇଯାଉଥିଲା ।

ଅନେକ ସମୟରେ ଏମନ୍ତ ଉଷ୍ଣ ଓ ଶୀତଳ ଜଳବାୟୁର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା । ଅତିରିକ୍ତ ଉଷ୍ଣତା ପରେ ଭୟଙ୍କର ଶୀତଳତାରେ ଜୀବଜନ୍ତୁ କାହିଁକି ବୃକ୍ଷଲତା ମଧ୍ୟ

Digitized by srujanika@gmail.com

ବିପନ୍ନ ଓ ବିପର୍ଯ୍ୟସ୍ତ ହୋଇପଡ଼ୁଥିଲେ । କେତେବେଳେ ଉତ୍ତରାଞ୍ଚଳର ଜୀବଜନ୍ତୁ ଦକ୍ଷିଣାଞ୍ଚଳକୁ ଚାଲିଯାଉଥିଲେ । ଆଉ କେତେବେଳେ ଦକ୍ଷିଣାଞ୍ଚଳରୁ ଜୀବଜନ୍ତୁ ଉତ୍ତର ଭାଗକୁ ଚାଲି-ଯାଉଥିଲେ । ବହୁ ପ୍ରାକୃତିକ ବିପଦ ଓ ଦୁର୍ଘଟଣା ମଧ୍ୟରେ ଅନେକ ଜୀବଜନ୍ତୁ ଆଜି ବିଲୁପ୍ତ । କେବଳ ହାତୀ ଅଳ୍ପ ପରିବର୍ତ୍ତନ ସହିତ ଏବେ ଜୀବିତ ରହିଛି ।

ମର୍କଟର ବିବର୍ତ୍ତନ ଘଟି ମଣିଷ ହୋଇଛି । ଆଦିମ ମଣିଷ ଅନ୍ୟ ଜୀବଜନ୍ତୁଙ୍କଠାରୁ କୌଣସି ଗୁଣରେ ପୃଥକ୍ ନ ଥିଲା । ମାତ୍ର ତାର ବୁଦ୍ଧି ବଳରେ ମଣିଷ ପ୍ରକୃତିକୁ କ୍ରମେ ନିୟନ୍ତ୍ରଣ କଲା । ବିଭିନ୍ନ ଉଦ୍‌ଭାବନ ଓ ଆବିଷ୍କାର କରି ତାର ଜୀବନକୁ ନିରାପଦ ଓ ନିରାମୟ କଲା । ପରିବେଶକୁ ସୁସ୍ଥ ଓ ସୁନ୍ଦର କଲା । ତାର ଶିକ୍ଷା ସଂସ୍କୃତିର ଉନ୍ନତି ଘଟିଲା । ସେ ହେଲା ଏକ ସୁଖୀ ଓ ସମୃଦ୍ଧ ସମାଜର ନିୟନ୍ତା ଓ ଉତ୍ତରାଧିକାରୀ ।

ପ୍ରକାଣ୍ଡ ଭୂଖଣ୍ଡ ଗଣ୍ଡଓ୍ୱାନାଲ୍ୟାଣ୍ଡ ଅଳ୍ପ କେତୋଟି ବର୍ଷରେ ଏପରି ଛିନ୍ନ ବିଚ୍ଛିନ୍ନ ହୋଇ ନ ଥିଲା । ଏଥିପାଇଁ ଶହ ଶହ, ସହସ୍ର ସହସ୍ର ବର୍ଷ ଲାଗିଥିଲା । ହିମଶୀତଳ ଜଳବାୟୁରେ ମଧ୍ୟ ପରିବର୍ତ୍ତନ ଘଟିଥିଲା ବହୁ ସହସ୍ର ବର୍ଷ ପରେ । ଗଣ୍ଡଓ୍ୱାନା ସମୟରେ ଘନ ଜଙ୍ଗଲ ଓ ଜୀବଜନ୍ତୁ ଅଗଣନ ଭୂମିକମ୍ପ ଓ ଅନ୍ୟାନ୍ୟ ଭୌଗୋଳିକ ଆନ୍ଦୋଳନ ଫଳରେ ଭୂତଳଗାମୀ ହୋଇଛି; ଆଜିର ଦୁର୍ମୂଲ୍ୟ ପଥରକୋଇଲା ଓ ମୂଲ୍ୟବାନ୍ ଧାତବ ପ୍ରସ୍ତର ପ୍ରଭୃତି ରୂପେ ଆମର ସହାୟକ ହେଉଛି । ଗଣ୍ଡଓ୍ୱାନା କାଳରେ ଶିଳାକର୍ଦ୍ଦମ ରିଫ୍ରାକ୍ଟରୀ ଇଟା, ଚିନାପାତ୍ର, ମୂର୍ତ୍ତି ପ୍ରଭୃତି ଗଠନରେ ସାହାଯ୍ୟ କରୁଛି ।

Digitized by srujanika@gmail.com



ସେହି କାଳରେ ଗଠିତ ବାଲୁକା ପ୍ରସ୍ତର ପରବର୍ତ୍ତୀ ସମୟରେ ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରରେ ବ୍ୟବହୃତ ହୋଇଥିଲା । ଭାରତର ଅଧିକାଂଶ ଲୁହାଖଣି ସେହି ସମୟର ବୋଲି ଭୂବିଜ୍ଞାନୀମାନେ ମତ ଦିଅନ୍ତି । ଗଣ୍ଡୱାନାଲ୍ୟାଣ୍ଡ ଏହିପରି ବିଶ୍ୱର ଏକ ବିଚିତ୍ର ଭୌଗୋଳିକ ସୃଷ୍ଟି । ବହୁ ବିବର୍ତ୍ତନ ଓ ପରିବର୍ତ୍ତନର ପରିଣତି ଆଜିର ଦେଶ ସବୁ ହୋଇଛି ।

Digitized by srujanika@gmail.com